## ମତ୍ସ୍ୟଜୀବୀଙ୍କ ସମସ୍ୟା ନେଇ ପରିଚାଳନା ନିର୍ଦ୍ଦେଶକଙ୍କୁ ଚିଠି

ରମ୍ଭା,୨୦।୭(ସମିସ): ପାରମ୍ପରିକ ଚିଲିକା ମତ୍ସ୍ୟଜୀବୀମାନଙ୍କ ଜୀବନ ଜୀବିକାକୁ ନେଇ ଥିବା ବିଭିନ୍ନ ସମସ୍ୟା ଉପରେ ଓଡ଼ିଶା ରାଜ୍ୟ ମତ୍ସ୍ୟଜୀବୀ ସମବାୟ ନିଗମ ଲିଃର ପରିଚାଳନା ନିର୍ଦ୍ଦେଶକଙ୍କୁ ଚିଠି କରିଛନ୍ତି ଗଞ୍ଜାମ ଜିଲ୍ଲା ପାରମ୍ପରିକ ମତ୍ସ୍ୟ ସଂଗଠନର ସଭାପତି ତଥା ଓଡ଼ିଶା ରାଜ୍ୟ ମତ୍ସ୍ୟଜୀବୀ ସମବାୟ ନିଗମ ଲିଃର ବୋଡର୍ ସଭ୍ୟ ସେନାପତି ବେହେରା। ଚିଲିକାକୁ ସଂଯୋଗ କରୁଥିବା ଗଞ୍ଜାମ ବ୍ଲକର ପାଲୁର ସାହେବ କେନାଲର ରକ୍ଷଣାବେକ୍ଷଣ, ପୁନରୁଦ୍ଧାର ନହେବା, ତତ ସହିତ ଚିଲିକାକୁ ସଂଯୋଗ କରୁଥିବା ଛୋଟବଡ଼ ନଦୀ ଓ କେନାଲ ପୋତି ହୋଇଯିବା ଯୋଗୁ ମତ୍ସ୍ୟଜୀବୀମାନଙ୍କ ଜୀବନ ଜୀବିକା ଉପରେ କୁପ୍ରଭାବ ପଡ଼ିବା ଫଳରେ ବୃତ୍ତି ଛାଡ଼ି ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଉଥିବା ଅଭିଯୋଗ ହେଉଛି। ଚିଲିକା ଉପକୂଳବର୍ତ୍ତି ଅଞ୍ଚଳରେ କୌଣସି ବରଫ କଳ ନଥିବାରୁ ମତ୍ସ୍ୟଜୀବୀମାନଙ୍କ ମତ୍ସ୍ୟ ସଂରକ୍ଷଣ କରିବାରେ ବାଧାପ୍ରାପ୍ତ ହେବା, ଚିଲିକାକୁ ସମ୍ପୂର୍ଣ୍ଣ ମାଫିଆ ମୁକ୍ତ କବଳରୁ ଜୈବବିବିଧତା ନଷ୍ଟ ହେବାରୁ ରକ୍ଷା କରିବା, ପ୍ରତ୍ୟେକ ମତ୍ସ୍ୟଜୀବୀ ସମବାୟ ସମିତିଗୁଡ଼ିକୁ ଲିଜ ପ୍ରଦାନ କରିବାର ବ୍ୟବସ୍ଥା କରିବା ପାଇଁ ଗଞ୍ଜାମ ଜିଲ୍ଲା ପାରମ୍ପରିକ ମତ୍ସ୍ୟଜୀବୀ ସଂଗଠନ ପକ୍ଷରୁ ଚିଠି ନଂ:୧୧/୨୫ ମାଧ୍ୟମରେ ସଭାପତି ସେନାପତି ବେହେରା ଲିଖିତ ଭାବେ ଜଣାଇଛନ୍ତି।

## ପୋଖରୀରୁ ବୃଦ୍ଧଙ୍କ ଶବ ଉଦ୍ଧାର

ଦିଗପହଣ୍ଡି,୨୦।୭(ସମିସ): ଦିଗପହଣ୍ଡି ବ୍ଲକ ପଦ୍ମନାଭପୁର ଗ୍ରାମ ପୋଖରୀରୁ ରବିବାର ଅପରାହ୍ନରେ ଜଣେ ବୃଦ୍ଧଙ୍କ ଶବ ଉଦ୍ଧାର କରାଯାଇଛି। ମୃତକ ହେଲେ ପଦ୍ମନାଭପୁର ମେଳାମଣ୍ଡପ ସାହିର ଲକ୍ଷ୍ମଣ ସାହୁ (୬୫)। ଲକ୍ଷ୍ମଣ ପୋଖରୀକୁ ଶୌଚ ପାଇଁ ଯାଇଥିଲେ। ଅସାବଧାନତା କାରଣରୁ ପୋଖରୀର ଗଭୀର ପାଣି ଭିତରକୁ ଚାଲିଯାଇଥିଲେ। ପରିବାର ଲୋକେ ଖୋଜାଖୋଜି କରିବା ପରେ ତାଙ୍କ ସନ୍ଧାନ ନମିଳିବାରୁ ଦିଗପହଣ୍ଡି ଅଗ୍ନିଶମ ବାହିନୀକୁ ଖବର ଦିଆଯାଇଥିଲା। ଅଗ୍ନିଶମ କର୍ମଚାରୀ ଉଦ୍ଧାର କରି ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ପଠାଇଛି।

## ଆମ ବ୍ୟାଙ୍କ ସେବା ବନ୍ଦ

ଶେରଗଡ,୨୦।୭(ସମିସ): ଗ୍ରାମାଞ୍ଚଳର ଲୋକଙ୍କୁ ହାତପାଆନ୍ତାରେ ବ୍ୟାଙ୍କ ସେବା ଯୋଗାଇ ଦେବା ଲାଗି ପୂର୍ବ ସରକାର ଯେଉଁ ସବୁ ପଞ୍ଚାୟତରେ ବ୍ୟାଙ୍କ ସୁବିଧା ନାହିଁ, ସେଠାରେ ଆମ ବ୍ୟାଙ୍କ ସେବା ଆଉଟଲେଟ ବ୍ୟବସ୍ଥା କରିଥିଲେ। ଏଥିଲାଗି ସ୍ୱତନ୍ତ୍ର ଭାବେ ବ୍ୟାଙ୍କ ଗୃହ ନିର୍ମାଣ ନିମନ୍ତେ ୫୦ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଥିଲା। ୫ଟି ଜାତୀୟକରଣ ବ୍ୟାଙ୍କ ଏହି ସେବା ଯୋଗାଇ ଦେବା ଲାଗି ସରକାରଙ୍କ ସହିତ ଚୁକ୍ତି ହୋଇଥିଲା। ଏହି ଭିତରେ ଶେରଗଡ ବ୍ଲକର ୧୭ଟି ପଞ୍ଚାୟତରେ ଆମ ବ୍ୟାଙ୍କ ସେବା ଚୂଡାନ୍ତ ହୋଇ ୨୮ ନଭେମ୍ବର ୨୦୨୩ରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭର୍ଚୁଆଲ ମାଧ୍ୟମରେ ଏହାର ଲୋକାର୍ପଣ କରିଥିଲେ। ତେବେ ଏସବୁ ବ୍ୟବସ୍ଥା ଏବେ ବନ୍ଦ।

କେଉଁ ପଞ୍ଚାୟତରେ କେଉଁ ରାଷ୍ଟ୍ରାୟତ ବ୍ୟାଙ୍କକୁ ଏହି ସେବା ଯୋଗାଇ ଦେବା ଲାଗି ଦାୟିତ୍ୱ ପ୍ରଦାନ କରାଯାଇଥିଲା। ପ୍ରାୟ ମାସେରୁ ଦୁଇ ମାସ ବ୍ୟାଙ୍କ ସେବା ଯୋଗାଇବା ପରେ ଏହି ସବୁ ବ୍ୟାଙ୍କ ଅଚଳ ହୋଇ ପଡିରହିଛି। ଫଳରେ ବ୍ୟାଙ୍କ ଘରେ ଏବେ ତାଲା ଝୁଲୁଛି। କେଉଁଠି ଗୃହ ନିର୍ମାଣ ହୋଇ ଶେଷ ହୋଇଥିଲେ ମଧ୍ୟ କର୍ମଚାରୀ ନିଯୁକ୍ତି ପାଇନଥିବା ବେଳେ କେଉଁଠି ଗୃହ ନିର୍ମାଣ ଚାଲିଛି ତ ଆଉ କେଉଁଠି କର୍ମଚାରୀ ନିଯୁକ୍ତି ପରେ ଆସୁନାହାନ୍ତି। ଫଳରେ ଗ୍ରାମାଞ୍ଚଳର ଜନସାଧାରଣଙ୍କ ଲାଗି ଉଦ୍ଦିଷ୍ଟ ରହିଥିବା ବ୍ୟାଙ୍କ ସେବା ଏକପ୍ରକାର ପଙ୍ଗୁ ହୋଇଯାଇଛି। ତେଣୁ ଏ ଦିଗରେ ରାଜ୍ୟ ସରକାର ଦୃଷ୍ଟି ଦେବାକୁ ଗ୍ରାମାଞ୍ଚଳର ଜନସାଧାରଣ ଦାବି କରିଛନ୍ତି।

## ଫସଲ ସୁରକ୍ଷା ଲାଗି ବିଛା ଯାଇଥିଲା

# ବିଦ୍ୟୁତ୍ ତାରରେ ଲାଗି ଛାତ୍ର ମୃତ

### ଶୋକାକୁଳ ପରିବାରଙ୍କୁ ଭେଟିଲେ ପୂର୍ବତନ ଶ୍ରମମନ୍ତ୍ରୀ

ବ୍ରହ୍ମପୁର,୨୦।୭(ସମିସ)



ପୋଲସରା ବ୍ଲକ ଚିରିକିପଡାଶାସନ ପଞ୍ଚାୟତରେ ରବିବାର ଏକ ଦୁଃଖଦ ଘଟଣା ଘଟିଛି। ଫସଲ ସୁରକ୍ଷା ପାଇଁ ବାଡ଼ରେ ଖଞ୍ଜା ଯାଇଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଜଣେ ସପ୍ତମ ଶ୍ରେଣୀ ଛାତ୍ରଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଚିରିକିପଡା ଶାସନ ଗ୍ରାମର ପରମାନ୍ଦ ସାହୁଙ୍କ ବଡ଼ ପୁଅ ତନ୍ମୟ ସାହୁ (୧୨)।,

ପରିବାର ସଦସ୍ୟଙ୍କ ସୂଚନା ପ୍ରକାରେ ପରମାନନ୍ଦଙ୍କ ବାଡ଼ିପଟ ଓ କରେଣ୍ଟ ଲଗାଇଥିବା ସୁଶାନ୍ତ କୁମାର ସାହୁଙ୍କ ବାରିପଟ ଆମ୍ନାସାମ୍ନାରେ ରହିଛି। ଏପରିକି ସୁଶାନ୍ତ ନିଜ ବାରିପଟରେ କିଛି ଫଳନ୍ତି ଗଛପତ୍ର ଓ ଫୁଲଗଛ ଲଗାଇଥିଲେ। ନିଜ ବାରିକୁ ଅବାଧ ପ୍ରବେଶ ରୋକିବାକୁ ସୁଶାନ୍ତ ବାଡ଼ରେ କରେଣ୍ଟ ତାର ବିଛାଇ ଚାର୍ଜ କରି ରଖିଥିଲେ। ରବିବାର ଅପରାହ୍ନରେ ତନ୍ମୟ ନିଜ ଘର ବାରିପଟକୁ ଆସି ସୁଶାନ୍ତଙ୍କ ବାଡ଼କୁ ଲଗାଇ ଚାରା ଗଛ ପୋତୁଥିବାବେଳେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଛିଟିକି କିଛି ଦୂରରେ ଥିବା ଏକ ସିମେଣ୍ଟ ଖୁଣ୍ଟରେ ପିଟି ହୋଇ ଯାଇଥିଲା। ଗୁରୁତର ଅବସ୍ଥାରେ ପରିବାର ଲୋକେ ତାଙ୍କୁ ପୋଲସରା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲସରା ଥାନା ଅଧିକାରୀ କୌଶିକ ମାଝୀ, ପୁରଷୋତ୍ତମପୁର ଏସ୍‌ଡିପିଓ ସୁଜିତ କୁମାର ନାୟକ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ।

ସେପଟେ ଉକ୍ତ ଦୁଃଖଦ ଘଟଣାକୁ ନେଇ ପୂର୍ବତନ ଶ୍ରମମନ୍ତ୍ରୀ ଶ୍ରୀକାନ୍ତ ସାହୁ ପୋଲସରା ମେଡ଼ିକାଲରେ ପହଞ୍ଚି ଶୋକାକୁଳ ପରିବାରକୁ ଭେଟି ସମବେଦନା ଜଣାଇଥିଲେ। ପରେ ପୋଲସରା ପୁଲିସ ସହାୟତାରେ ଶବବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ଼ ମେଡିକାଲକୁ ପଠାଇ ଅଧିକ ତଦନ୍ତ କରିବାକୁ ଚିରିକିପଡାଶାସନ ଗ୍ରାମକୁ ଯିବେ ବୋଲି ସୂଚନା ଦେଇଛନ୍ତି ଥାନା ଅଧିକାରୀ କୌଶିକ ମାଝୀ। ଏହି ଘଟଣାରେ ପୁଲିସ ଦୁଇ ଜଣଙ୍କୁ ଅଟକ ରଖି ପଚରା ଉଚରା କରୁଛି।

## ମନ୍ତ୍ରୀଙ୍କ କୁକୁଡାଖଣ୍ଡି ପ୍ରତିନିଧି ସୂର୍ଯ୍ୟମଣି



କୁକୁଡାଖଣ୍ଡି,୨୦।୭(ସମିସ): ଗୋପାଳପୁର ବିଧାୟକ ତଥା ଓଡ଼ିଶା ସରକାରଙ୍କ ବାଣିଜ୍ୟ, ପରିବହନ, ଖଣି ଓ ଇସ୍ପାତ ବିଭାଗ ମନ୍ତ୍ରୀ ବିଭୂତି ଭୂଷଣ ଜେନାଙ୍କ କୁକୁଡାଖଣ୍ଡି ବ୍ଲକ ପ୍ରତିନିଧି ମନୋନୀତ ହୋଇଛନ୍ତି। ଭାରତୀୟ ଜନତା ପାର୍ଟିର ପୂର୍ବତନ ଜିଲ୍ଲା କୋଷାଧ୍ୟକ୍ଷ ସୂର୍ଯ୍ୟମଣି ପାତ୍ରଙ୍କୁ ଏହି ଦାୟିତ୍ୱ ମିଳିଛି। ଏନେଇ ବିଭିନ୍ନ ମହଲରୁ ତାଙ୍କୁ ଶୁଭେଚ୍ଛାର ସୁଅ ଛୁଟୁଛି।

## ରେଲୱେରେ ଚାକିରି ନାଁରେ ୧୩ ଲକ୍ଷ ଠକେଇ

ଦିଗପହଣ୍ଡି,୨୦।୭(ସମିସ): ପୂର୍ବତଟ ରେଲୱେରେ ଚାକିରି କରାଇଦେବା ନାଁରେ ଦିଗପହଣ୍ଡି ଥାନା ଫାସିଗୁଡ଼ା ଗ୍ରାମର ସଙ୍ଗୀତା ପାତ୍ର ନାମ୍ନୀ ଯୁବତୀଙ୍କ ଠାରୁ ଏକ ରାକେଟର ସଦସ୍ୟ ମାନେ ୧୩ ଲକ୍ଷ ଟଙ୍କା ଠକେଇ କରିଥିବା ଅଭିଯୋଗ ହୋଇଛି। ଠକେଇର ଶିକାର ହୋଇଥିବା ଯୁବତୀଙ୍କ ଏତଲାକୁ ଭିତ୍ତିକରି ଦିଗପହଣ୍ଡି ଥାନା ଭାରପ୍ରାପ୍ତ ଆଇଆଇସି ତଥା ଡିଏସପି ପ୍ରଶାନ୍ତ କୁମାର ପାତ୍ର ଥାନା ମାମଲା ନଂ.୨୫୧/୨୫ ଅନୁଯାୟୀ ମକଦ୍ଦମା ରୁଜୁ କରି ତଦନ୍ତ ଚଳାଇଛନ୍ତି।

ଗତ ୨୦୨୩ ମେ ୨୫ରେ ବ୍ରହ୍ମପୁର ସଦର ଥାନା କୁକୁଡାଖଣ୍ଡି ଗ୍ରାମର ଏ . ବିଘ୍ନେଶ୍ୱର ରାଓ ଦୋରା ଏବଂ ଭୁବନେଶ୍ୱରରେ ରହୁଥିବା ରାକେଟର ମାଷ୍ଟର ମାଇଣ୍ଡ ସମରଜିତ ରାଉତ ଓ ତାଙ୍କ ସ୍ତ୍ରୀ ଶୁଭଲକ୍ଷ୍ମୀ ରାଉତ ଫାସିଗୁଡ଼ା ଗ୍ରାମକୁ ଆସି ସଙ୍ଗୀତାଙ୍କୁ ସ୍କାଉଟ ଓ ଗାଇଡ କୋଟାରେ ରେଲୱେରେ ଚାକିରି କରାଇବାର ପ୍ରଲୋଭନ ଦେଖାଇ ତାଙ୍କ ଠାରୁ ୧୩ ଲକ୍ଷ ଟଙ୍କା ନେଇଥିଲେ। ପରେ ପଶ୍ଚିମବଙ୍ଗ କୋଲକତା ନିକଟ ସିଆଲଦା ବି.ଆର ହସ୍ପିଟାଲରେ ତାଙ୍କର ମେଡିକାଲ ଟେଷ୍ଟ କରାଇ ସାର୍ଟିଫିକେଟ ଦେଇଥିଲେ। ଦୁଇଦିନ ପରେ ତାଙ୍କୁ କୋଲକତା ସ୍ଥିତ ପୂର୍ବତଟ ରେଲୱେ ମୁଖ୍ୟାଳୟକୁ ବୁଲାଇ ନେଇ ସେଠାରେ ତାଙ୍କୁ ନିଯୁକ୍ତି ପତ୍ର ସହ ଜଏନିଂ ଲେଟର ଦେଇଥିଲେ। ସଙ୍ଗୀତା ଉକ୍ତ ଜଏନିଂ ଲେଟର ଧରି ସିଆଲଦା ସ୍ଥିତ ରେଲୱେର ଡିଆରଏମ ଅଫିସକୁ ଯିବା ପରେ ସେଠାକାର ଦାୟିତ୍ୱରେ ଥିବା ଅଫିସର ଉକ୍ତ ନିଯୁକ୍ତିପତ୍ର ନକଲି ବୋଲି ଜଣାଇଥିଲେ। ସଙ୍ଗୀତା ଏବଂ ତାଙ୍କ ପରିବାର ଲୋକେ ଚାକିରି ପାଇଁ ଟଙ୍କା ନେଇଥିବା ବିଘ୍ନେଶ୍ୱରଙ୍କ ସମେତ ସମରଜିତ ଓ ଶୁଭଲକ୍ଷ୍ମୀଙ୍କୁ ଫୋନ କରି ପଚାରିବାରୁ ସେମାନେ ସାକ୍ଷାତ କରିବାକୁ ମନା କରିଦେଇଥିଲେ। ପରବର୍ତ୍ତୀ ସମୟରେ ଆଉ ଫୋନ ଉଠାଇନଥିଲେ। ସଙ୍ଗୀତା ଓ ତାଙ୍କ ପରିବାର ଲୋକେ କୁକୁଡ଼ାଖଣ୍ଡି ଗ୍ରାମ ଶାନ୍ତିନଗର ସ୍ଥିତ ବିଘ୍ନେଶ୍ୱରଙ୍କ ଘରକୁ ଯାଇ ତାଙ୍କୁ ଖୋଜିବାରୁ ଘରେ ଥିବା ତାଙ୍କ ସାନଭାଇ ଏ.ପ୍ରକାଶ ରାଓ ଦୋରା ତାଙ୍କୁ ଗାଳି କରିବା ସହ ଜୀବନରେ ମାରିଦେବାକୁ ଧମକ ଦେଇଥିବା ଏତଲାରେ ଉଲ୍ଲେଖ ରହିଛି।

ସୂଚନାଯୋଗ୍ୟ ରେଲୱେରେ ଚାକିରି କରାଇବା ନାଁରେ ଉକ୍ତ ରାକେଟର ସଦସ୍ୟମାନେ ୭ଜଣ ଯୁବକଙ୍କ ଠାରୁ ୮୬ ଲକ୍ଷ ୫୦ ହଜାର ଟଙ୍କା ଠକେଇ କରିଥିବା ନେଇ ପଦ୍ମନାଭପୁର ଗ୍ରାମର ଅଭିଷେକ ପଣ୍ଡା ଦିଗପହଣ୍ଡି ଥାନାରେ ଏତଲା ଦେଇଥିଲେ। ଥାନା ମାମଲା ନଂ.୨୪୯/୨୫ ଅନୁଯାୟୀ ମକଦ୍ଦମା ରୁଜୁ କରି ଦିଗପହଣ୍ଡି ପୁଲିସ ତଦନ୍ତ ଚଳାଇଥିବା ବେଳେ ଅନ୍ୟ କିଛି ଯୁବକଙ୍କୁ ଚାକିରି କରାଇଦେବାର ପ୍ରତିଶ୍ରୁତି ଦେଇ ଠକେଇ କରିଥିବା ସମ୍ପୃକ୍ତ ବିଘ୍ନେଶ୍ୱର ଏବଂ ଶୁଭଲକ୍ଷ୍ମୀ ଙ୍କୁ ବ୍ରହ୍ମପୁର ସଦର ଥାନା ପୁଲିସ ପୂର୍ବରୁ ଗିରଫ କରି କୋର୍ଟଚାଲାଣ କରିଛନ୍ତି। ଉଭୟ ଅଭିଯୁକ୍ତ ବ୍ରହ୍ମପୁର ଜେଲରେ ବିଚାରାଧୀନ ବନ୍ଦୀ ଭାବେ ରହିଥିବା ବେଳେ ଏହି ଠକେଇ ମାମଲାରେ ମାଷ୍ଟରମାଇଣ୍ଡ ସମରଜିତ ଫେରାର ଥିବା ଜଣାପଡିଛି।

## ବିଶ୍ୱକର୍ମା ସମାଜର ବାର୍ଷିକ ଉତ୍ସବ



ରମ୍ଭା,୨୦।୭(ସମିସ): ରମ୍ଭା ଜାତୀୟ ୧୬ ନମ୍ବର ରାଜପଥ ପାଖରେ ଥିବା ଗୁପ୍ତେଶ୍ୱର ଶୈବ ପୀଠ ପରିସରରେ ଓଡ଼ିଶା ବିଶ୍ୱକର୍ମା ସମାଜ ଗଞ୍ଜାମ ଜିଲ୍ଲା ଶାଖା ପକ୍ଷରୁ ରାଜଶ୍ରୀ ଗୋବିନ୍ଦ ଚନ୍ଦ୍ର ମହାରଣାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଉକ୍ତ ସମାଜ ପକ୍ଷରୁ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ସମ୍ମାନିତ ଅତିଥି ଭାବେ ରାଜଶ୍ରୀ ରାମଚନ୍ଦ୍ର ମହାରଣା, ପୂର୍ବତନ ଉପସଭାପତି ଯୋଗେନ୍ଦ୍ର ମହାରଣା, ସାମ୍ବାଦିକ ସୁଜିତ କୁମାର ବେହେରା, ଶ୍ରୀଧର ବେହେରା, ସାମ୍ବାଦିକ ନୀଳାଞ୍ଚଳ ସେନାପତି, ବନବାସୀ ସେଠି, ସଭ୍ୟ କଲ୍ୟାଣପୁର ଗ୍ରାମର ଉଦୟନାଥ ମହାରଣା, କୁଶପଲ୍ଲୀ ଗ୍ରାମର ଦୁର୍ଯୋଧନ ମହାରଣା, ଖଣ୍ଡିଦେଉଳି ଗ୍ରାମର କିଶୋର ଚନ୍ଦ୍ର ମହାରଣା, ରମ୍ଭାର କେଦାର ନାଥ ମହାରଣା, ପ୍ରତାପଚନ୍ଦ୍ର ମହାରଣା, ମଲାଡ଼ ଗ୍ରାମର ଅମୂଲ୍ୟ ମହାରଣା, ଗଞ୍ଜାମର ଗୋପାଳକୃଷ୍ଣ ମହାରଣା, ଲାବଣ୍ୟ ମହାରଣା, ପ୍ରହ୍ଲାଦ ମହାରଣା ମଞ୍ଚାସୀନ ରହି ବିଶ୍ୱକର୍ମା ସମାଜର ଉନ୍ନତିମୂଳକ କାର୍ଯ୍ୟ ସରକାରଙ୍କ ବିଶ୍ୱକର୍ମା ଯୋଜନାର ସୁବିଧା ପାଇପାରିବେ ଏନେଇ ଆଲୋକପାତ କରିଥିଲେ। ଗଞ୍ଜାମ ଜିଲ୍ଲା ଶାଖା ବିଶ୍ୱକର୍ମା ସମାଜର ନୂତନ ସଭାପତି ରୂପେ ଯୋଗେନ୍ଦ୍ର ମହାରଣା, ଉପସଭାପତି ଗୋପାଳକୃଷ୍ଣ ମହାରଣା, ସମ୍ପାଦକ ଦଣ୍ଡପାଣି ମହାରଣା, ସହ ସମ୍ପାଦକ କିଶୋର ଚନ୍ଦ୍ର ମହାରଣା, କୋଷାଧ୍ୟକ୍ଷ ପ୍ରତାପ କୁମାର ମହାରଣା, ଉପଦେଷ୍ଟା କାଶୀନାଥ ମହାରଣା, ଲଡୁ କିଶୋର ମହାରଣା, ଆଇନ ପରାମର୍ଶଦାତା ରାମକୃଷ୍ଣ ମହାରଣା, କାର୍ଯ୍ୟକାରୀ ସଭାପତି ଅମୂଲ୍ୟ ମହାରଣା, ସଭ୍ୟ ହରିହର, ନିରଞ୍ଜନ, ସୀମାଞ୍ଚଳ, ପିଣ୍ଟୁ ମହାରଣାଙ୍କୁ ଚୟନ କରାଯାଇଥିଲା।

## ୩୧ ୟୁନିଟ ରକ୍ତ ସଂଗୃହୀତ

କୋଦଳା,୨୦।୭(ସମିସ): ବେଗୁନିଆପଡା ବ୍ଲକ ଆନ୍ତର୍ଗତ ଫାସୀ ଗ୍ରାମ ସ୍ଥିତ ଗୁଣ୍ଡିଚା ମଣ୍ଡପରେ ଶ୍ରୀମାଣିକେଶ୍ୱର ଯୁବ କଳାପରିଷଦ ଫାସି ଓ ଜୀବନ ଧାରା ତରଫରୁ ଅନୁଷ୍ଠିତ ରକ୍ତଦାନ ଶିବିରରେ ମୋଟ ୩୧ ୟୁନିଟ ରକ୍ତ ସଂଗୃହିତ ହୋଇଯାଇଛି। ଶିବିରକୁ ଶିକ୍ଷକ ନୀଳକଣ୍ଠ ଦାଶ ଉଦଘାଟନ କରିଥିବା ବେଳେ ଏହି ଗ୍ରାମର ଯୁବ କଳା ପରିଷଦ ସଭାପତି ଆଶୁତୋଷ ମହାପାତ୍ର, ଉପସଭାପତି ଜ୍ୟୋତିରଞ୍ଜନ ସାହୁ, ଅନ୍ତର୍ଯ୍ୟାମୀ ସାହୁ, ନବୀନ ଦଳେଇ, ପ୍ରସନ୍ନ କୁମାର ବାଡତ୍ୟା, ନୀଳାଞ୍ଚଳ ସାହୁ, ଜୀବନ ଧାରା ସଭାପତି ଏମ. ଗୋପବନ୍ଧୁ ଆଚାରି, ସମ୍ପାଦକ ଯଜ୍ଞପ୍ରସାଦ ପଣ୍ଡା, ସୋମେଶ ପାତ୍ର, କୋଷାଧ୍ୟକ୍ଷ ଦୀପକ ଖଟେଇ, ଗୌରହରି ପୋଲାଇ, ଧର୍ମାନନ୍ଦ ମହାରଣା, ଲବଣ ସାଗର ଅଧିକାରୀ, ଦୁଷ୍ମନ୍ତ ପୋଲାଇ, ପଙ୍କଜ ଦଳେଇ ପ୍ରମୁଖ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ବ୍ରହ୍ମପୁର ଏମ୍‌କେସିଜି ରକ୍ତ ଭଣ୍ଡାର ପକ୍ଷରୁ ଡାକ୍ତର ରାମଚନ୍ଦ୍ର ମହାପାତ୍ର, ଅନୁରାଗ ସାମନ୍ତରାୟ, କେସି ସେଠୀ, ଦେବାଶିଷ ପଣ୍ଡା, ସୁଶାନ୍ତ କୁମାର ପଣ୍ଡା, ଡମ୍ବରୁ ବାହାଦୁର କାର୍କି ପ୍ରମୁଖ ରକ୍ତ ସଂଗ୍ରହ କରିଥିଲେ।

## ବ୍ଲକ ଦଣ୍ଡନାଚ କମିଟିର ବୈଠକ



ବେଲଗୁଣ୍ଠା,୨୦।୭(ସମିସ): ବେଲଗୁଣ୍ଠା ସ୍ଥିତ ଆନନ୍ଦ କବି ଚନ୍ଦ୍ର ଦଣ୍ଡକାଳୀ ମନ୍ଦିର ପ୍ରାଙ୍ଗଣରେ ବେଲଗୁଣ୍ଠା ବ୍ଲକ୍ ଦଣ୍ଡନାଚ କମିଟିର ସଭାପତି ଏସ୍ ଭାସ୍କର ପାତ୍ରଙ୍କ ସଭାପତିତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି।

ଏଥିରେ ବ୍ଲକ୍‌ର ୧୭ଟି ଗ୍ରାମର ଦଣ୍ଡନାଚ କମିଟି ଯୋଗଦେଇ ଅଶ୍ଳୀଳତା ଏବଂ ସାମାଜିକ ନାଟକକୁ ସମସ୍ତେ ଏକ ସ୍ୱରରେ ମନା କରିବା ସହ ଜିଲ୍ଲା ମହାସଂଘ ନିଷ୍ପତିକୁ ସମସ୍ତେ ମାନିବେ ବୋଲି ପ୍ରକାଶ କରିଥିଲେ। ବୈଠକରେ ଦଣ୍ଡନାଚ କମିଟି ଉପସଭାପତି ଦେବାଶିଷ ଗୌଡ଼, ସମ୍ପାଦକ ତଥା ବେଲଗୁଣ୍ଠା ପ୍ରେସ କ୍ଲବ ସଭାପତି ପ୍ରଦ୍ୟୁମ୍ନ ପାତ୍ର, ଟି ନାରାୟଣ ପାତ୍ର, ଜଗନ୍ନାଥ ନାୟକ, ଗୋବର୍ଦ୍ଧନ ବେହେରା, କାମରାଜୁ ସ୍ୱାଇଁ, ପ୍ରତାପ କୁମାର ବିଷୋୟୀ, ସୂର୍ଯ୍ୟନାରାୟଣ ସ୍ୱାଇଁ, ଧବଳେଶ୍ୱର ଜେନା, ବିଭୂପାଦ ଜେନା ପ୍ରମୁଖ ଅଂଶଗ୍ରହଣ କରିଥିଲେ।

## ବ୍ୟବସାୟିକ ଅଂଶୀଦାରଙ୍କୁ ଅପହରଣ ଅଭିଯୋଗ

ବ୍ରହ୍ମପୁର,୨୦।୭(ସମିସ): ଜଣେ ବ୍ୟବସାୟିକ ଅଂଶୀଦାରଙ୍କୁ ଆଉ ଜଣେ ପାର୍ଟନର ଓ ତାଙ୍କ ସହଯୋଗୀ ଅପହରଣ କରିଥିବା ବଡ଼ବଜାର ଥାନାରେ ଅଭିଯୋଗ ହୋଇଛି। ବାକି ଟଙ୍କାକୁ କେନ୍ଦ୍ର କରି ଏହି ଘଟଣା ଘଟିଥିବା ଜଣାପଡିଛି। ବଡ଼ବଜାର ନିକଟ ନୂଆ କଲୁପାତ୍ର ସାହିର ପ୍ରଶାନ୍ତ କୁମାର ପୃଷ୍ଟିଙ୍କ ନିକଟରେ ପୁରୁଷୋତ୍ତମପୁର ପାଣ୍ଡିଆ ଗ୍ରାମର ରାମକୃଷ୍ଣ ଗୌଡ ବହୁ ବର୍ଷ ହେଲା କାମ କରୁଛନ୍ତି। ନିକଟରେ ପ୍ରଶାନ୍ତ ଓ ରାମକୃଷ୍ଣ ପୁରୁଷୋତ୍ତମପୁର ଅଞ୍ଚଳର ଅନ୍ୟ ଜଣେ ବ୍ୟକ୍ତିଙ୍କ ସହ ମିଶି ବୌଦ୍ଧ ଜିଲ୍ଲାରେ ଏକ ଗ୍ୟାସ ଏଜେନ୍ସି ଖୋଲିଛନ୍ତି। ତେବେ ଆଜକୁ ୩ଦିନ ତଳେ ସଂପୃକ୍ତ ବ୍ୟକ୍ତି ଜଣଙ୍କ ନିଜର ଜଣେ ସହଯୋଗୀ ସହ ରାମକୃଷ୍ଣଙ୍କୁ ଧରି ଜଟଣୀ ଯାଉଥିବା କହିଥିଲେ। ପ୍ରଶାନ୍ତ ସେବେଠାରୁ ରାମକୃଷ୍ଣଙ୍କ ସହ ଯୋଗାଯୋଗ କରିବାକୁ ଚେଷ୍ଟା କରୁଥିଲେ ମଧ୍ୟ ତାହା ସମ୍ଭବ ହୋଇପାରୁନାହିଁ। ତାଙ୍କ ବ୍ୟବସାୟିକ ଅଂଶୀଦାର ଓ ସହଯୋଗୀ ରାମକୃଷ୍ଣ ସହ କଥା କରାଇ ଦେଉନାହାନ୍ତି। ଏପରିକି ବିଭିନ୍ନ ବାହାନା କରି ସମୟ ଗଡାଇ ଚାଲିଛନ୍ତି। ଯାହାକୁ ନେଇ ପ୍ରଶାନ୍ତ ଚିନ୍ତାରେ ପଡିବା ସହ ରାମକୃଷ୍ଣଙ୍କୁ ଅପହରଣ ପରେ କେଉଁଠି ଲୁଚାଇ ରଖାଯାଇଥିବା ନେଇ ବଡ଼ବଜାର ଥାନାରେ ଅଭିଯୋଗ କରିଛନ୍ତି।

## ନୂତନ ଟ୍ରାଫିକ ଡିଏସ୍‌ପିଙ୍କ ଦାୟିତ୍ୱ ଗ୍ରହଣ

ବ୍ରହ୍ମପୁର,୨୦।୭(ସମିସ): ବ୍ରହ୍ମପୁର ସହରର ଟ୍ରାଫିକ୍ ଡିଏସ୍‌ପି ଭାବେ ତିରୁପତି ଚୌଧୁରୀଙ୍କୁ ନିଯୁକ୍ତି ମିଳିଛି। ପୂର୍ବରୁ ସେ ବ୍ରହ୍ମପୁର ଜିଲ୍ଲା ପୁଲିସ ମୁଖ୍ୟାଳୟରେ ଡିଆଇବି ଇନ୍ସପେକ୍ଟର ଭାବେ କାର୍ଯ୍ୟରତ ଥିଲେ। ନିକଟରେ ତାଙ୍କ ପଦୋନ୍ନତି ହୋଇଥିଲା। ପରେ ତାଙ୍କୁ ବ୍ରହ୍ମପୁର ସହରର ଟ୍ରାଫିକ ପରିଚାଳନା ଦାୟିତ୍ୱ ମିଳିଛି। ସେ ଆଜି ଭାରପ୍ରାପ୍ତ ଟ୍ରାଫିକ୍ ଡିଏସ୍‌ପି ଅକ୍ଷୟ ପଣ୍ଡାଙ୍କଠାରୁ ଦାୟିତ୍ୱ ଗ୍ରହଣ କରିଛନ୍ତି। ଦାୟିତ୍ୱ ଗ୍ରହଣ ପରେ ତାଙ୍କୁ କର୍ମଚାରୀମାନେ ସ୍ୱାଗତ ଜଣାଇଛନ୍ତି। ପ୍ରକାଶଥାଉକି, ଆଜକୁ ଏକାଧିକ ମାସ ହେବ ବ୍ରହ୍ମପୁର ସହରରେ ସ୍ଥାୟୀ ଟ୍ରାଫିକ ଡିଏସପି ପଦ ଖାଲି ପଡିଥିଲା।

## ମିଳୁନି ସରକାରୀ ସହାୟତା

# ଆଖୁ ଚାଷରୁ ମୁହଁ ଫେରାଉଛନ୍ତି ଚାଷୀ



କୋଦଳା,୨୦।୭(ସମିସ): ଏକଦା ଆଖୁ ଚାଷରେ ଗଞ୍ଜାମ ଜିଲ୍ଲାରେ ବେଗୁନିଆପଡ଼ା ବ୍ଲକ ଏକ ନମ୍ବର ଥିଲା। କିନ୍ତୁ ବର୍ତ୍ତମାନ ଆଖୁ ଚାଷ ପାଇଁ ବେଗୁନିଆପଡ଼ା ବ୍ଲକ୍ ଅଞ୍ଚଳର ଚାଷୀଙ୍କ ଆଗ୍ରହ କମୁଛି। ଫଳରେ ଆଖୁ ଚାଷୀଙ୍କ ସଂଖ୍ୟା କମିବା ସହ ଆଖୁ ଉତ୍ପାଦନ ମଧ୍ୟ ହ୍ରାସ ପାଉଛି। ଦିନକୁ ଦିନ ଲୋକଙ୍କର ଚିନି ଚାହିଦା ବଢିବାରେ ଲାଗିଥିବା ବେଳେ ଆସ୍କା ଚିନି କଳରେ ମଧ୍ୟ ଚିନି ଉତ୍ପାଦନ ଉଦବେଗଜନକ ଭାବେ କମିଛି। ରାଜ୍ୟରେ ଗୋଟିଏ ପରେ ଗୋଟିଏ ଚିନିକଳ ବନ୍ଦହୋଇ ଯାଉଥିବାରୁ ବାହାରେ ଉତ୍ପାଦିତ ଚିନି ଉପରେ ଆମକୁ ଅଧିକରୁ ଅଧିକ ନିର୍ଭର କରିବାକୁ ପଡୁଛି। ନୟାଗଡ, ବଡମ୍ବା, ବରଗଡ, ବଲାଙ୍ଗିରରେ ଥିବା ଚିନି କାରଖାନା ଗୁଡ଼ିକ ବନ୍ଦ ହୋଇ ଯାଇଥିବା ବେଳେ ଆସ୍କା ଚିନି କାରଖାନାର ସ୍ଥିତି କୋମାରେ କହିଲେ ଅତୁକ୍ତି ହେବ ନାହିଁ। ଆଖୁଚାଷ ପାଇଁ ସରକାରଙ୍କ ତରଫରୁ ଆସୁଥିବା ପ୍ରୋତ୍ସାହନ ଏବଂ ସହାୟତାକୁ କୃଷି ବିଭାଗ ବାବୁ ମାନେ ଟାଳଟୁଳ ନୀତି ଅବଲମ୍ବନ କରି ଚାଷୀ ମାନଙ୍କୁ ହଇରାଣ କରୁଛନ୍ତି। ଫଳରେ ଏହି ଚାଷ ପ୍ରତି ଚାଷୀ ମୁହଁ ଫେରାଉଛନ୍ତି। ବେସରକାରୀ ସୂଚନା ଅନୁଯାଇ ବେଗୁନିଆପଡ଼ା ବ୍ଲକକୁ ଆଖୁ ଚାଷ ପାଇଁ ୫ଟି ସେକ୍ସନରେ ଭାଗ କରାଯାଇଛି। ସେଥି ମଧ୍ୟରେ ସାଙ୍କୁଡା -୧, ସାଙ୍କୁଡା -୨, ସାଙ୍କୁଡା -୩, ବେଗୁନିଆପଡ଼ା -୪, କୋଦଳା -୫ ଅଞ୍ଚଳରେ ପ୍ରାୟ ୧୮୭ ଜଣ ଚାଷୀ ୩୬୮ ଏକର ଜମିରେ ଆଖୁ ଚାଷ କରୁଛନ୍ତି। ସେଥି ମଧ୍ୟରେ ନୂଆ ଚାଷ ୬୭ ଏକର ହୋଇଥିବା ବେଳେ ପୁରୁଣା ମୂଳ ଆଖୁ ଚାଷ ୩୦୧ ଏକର ଅଟେ। ତେଣୁ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।

## ଟିପିଏସ୍‌ଓଡିଏଲ୍‌ର ମୌସୁମୀ ମୁକାବିଲା ବ୍ୟାପକ ପ୍ରସ୍ତୁତି

# ୬ ସର୍କଲରେ ସ୍ୱତନ୍ତ୍ର ଟିମ୍ ନିୟୋଜିତ



- ଜରୁରୀକାଳୀନ ସାମଗ୍ରୀ ଓ ଉପକରଣ ମହଜୁଦ
- ତ୍ୱରିତ ପଦକ୍ଷେପକୁ ଗୁରୁତ୍ୱ: ୧୧, ୩୩ କେଭି ଲାଇନର ଡ୍ରୋନ୍ ସର୍ଭେ
- ଭରସାଯୋଗ୍ୟ ବିଜୁଳି ସେବା ଯୋଗାଇବାକୁ ବିଭିନ୍ନ ପଦକ୍ଷେପ

ବ୍ରହ୍ମପୁର,୨୦।୭(ସମିସ): ମୌସୁମୀ ଋତୁରେ ଦକ୍ଷିଣ ଓଡ଼ିଶାରେ ବିଜୁଳି ବିତରଣ କ୍ଷେତ୍ରରେ ଅନେକ ଆହ୍ୱାନ ରହିଥିବା ବେଳେ, ଏହାର ମୁକାବିଲା ପାଇଁ ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ (ଟିପିଏସ୍‌ଓଡିଏଲ୍) ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ ରହିଛି। ମୌସୁମୀ ଋତୁର ଆହ୍ୱାନକୁ ସାମ୍ନା କରିବାକୁ କମ୍ପାନୀ ପକ୍ଷରୁ ଛଅଟି ସର୍କଲରେ ଜରୁରୀକାଳୀନ ଯାନ ଏବଂ ଅତିରିକ୍ତ ମାନବ ସମ୍ବଳ ସହ ୫,୯୨୫ ଜଣିଆ ଏକ ଉତ୍ସର୍ଗୀକୃତ ଟିମ୍ ଗଠନ କରାଯାଇଛି। ବିଦ୍ୟୁତ ବିଚ୍ଛିନ୍ନ ଏବଂ ଗଛ ପଡ଼ି ବିଜୁଳି ସରବରାହ ବ୍ୟାଘାତ ହେଲେ ସମାଧାନ ପାଇଁ ୬ ଟି ଭ୍ରାମ୍ୟମାଣ ବିତରଣ ସବଷ୍ଟେସନ ଏବଂ ଦୁଇଟି ଟାୱାର ୱାଗନ ମୁତୟନ କରାଯାଇଛି। ବିଭିନ୍ନ ସ୍ଥାନରେ ବିଦ୍ୟୁତ ଖୁଣ୍ଟ, କଣ୍ଡକ୍ଟର, ଏଲଟି କେବୁଲ ଭଳି ଗୁରୁତ୍ୱପୂର୍ଣ୍ଣ ସାମଗ୍ରୀ ଉପଯୁକ୍ତ ପରିମାଣରେ ମହଜୁଦ ଅଛି। ଏହାସହ ପ୍ରତ୍ୟେକ ଡିଭିଜନରେ ରାତ୍ରକାଳୀନ ମରାମତି କାମ ପାଇଁ ୨୫ଟି ଆସ୍କା ଲାଇଟ୍ ଏବଂ ୧୯ଟି ଡିଜି ସେଟ୍ ଉପଲବ୍ଧ ରହିଛି। ବିତରଣ ନେଟ୍‌ୱାର୍କକୁ ସୁଦୃଢ଼ କରିବାକୁ ଟିପିଏସ୍‌ଓଡିଏଲ୍ ପକ୍ଷରୁ ଅଦ୍ୟାବଧି ୨୫୨୯ ଟି ଇଣ୍ଟରପୋଜିଂ ଖୁଣ୍ଟ ସ୍ଥାପନ କରାଯାଇଛି। ଚଳିତବର୍ଷ ଡ୍ରୋନ ମାଧ୍ୟମରେ ୧୧କେଭି ଏବଂ ୩୩କେଭି ବିଦ୍ୟୁତ ଲାଇନର ସର୍ଭେ କରାଯାଉଛି, ଏହା ସମ୍ଭାବ୍ୟ ତ୍ରୁଟିକୁ ଚିହ୍ନଟ କରିବ। ଜଙ୍ଗଲ ଘେରା ପାହାଡିଆ ଅଞ୍ଚଳରେ ସହାୟକ ହେବ। ବ୍ରହ୍ମପୁର ସ୍ଥିତ ପାୱାର ସିଷ୍ଟମ କଣ୍ଟ୍ରୋଲ ସେଣ୍ଟର (ପିଏସସିସି) ଏବଂ ରାୟଗଡ଼, ଭଞ୍ଜନଗର ଓ ଜୟପୁରରେ ଥିବା ଏରିଆ ପାୱାର ସିଷ୍ଟମ କଣ୍ଟ୍ରୋଲ ସେଣ୍ଟର (ଏପିଏସସିସି) ୨୪ଘଣ୍ଟା କାର୍ଯ୍ୟକ୍ଷମ ଅଛି। ସ୍କାଡ଼ା ଟେକ୍ନୋଲଜି ମାଧ୍ୟମରେ ୧୭୮ ଟି ସବଷ୍ଟେସନର ରିଅଲ ଟାଇମ୍ ନିରୀକ୍ଷଣ କରାଯାଉଛି। ଆଇଭିଆରଏସ୍ ପରିଚାଳିତ ବ୍ୟବସ୍ଥା, ଏସଏମଏସ୍ ଆଲର୍ଟ ଏବଂ ମିସ୍ଡ କଲ୍ ସେବା (୯୭୭୭୭୭୪୬୯୯) ଦ୍ୱାରା ଗ୍ରାହକ ସମ୍ପର୍କ ସୁଦୃଢ ହୋଇଛି। ଏହା ମାଧ୍ୟମରେ ଉପଭୋକ୍ତାଙ୍କୁ ବିଦ୍ୟୁତ ସେବା ବିଚ୍ଛିନ୍ନ ଏବଂ ପୁନଃଯୋଗାଣ ସମ୍ପର୍କିତ ସୂଚନା ତୁରନ୍ତ ମିଳିପାରୁଛି। ଏହା ବ୍ୟତୀତ ଟିପିଏସ୍‌ଓଡିଏଲର ୨୪ସ୭ କଲ୍ ସେଣ୍ଟର (ଟୋଲ୍ ଫ୍ରି ନମ୍ବର: ୧୯୧୨/ ୧୮୦୦୨୦୨୬) ସାହାଯ୍ୟରେ ଉପଭୋକ୍ତାଙ୍କ ଅଭିଯୋଗର ତୁରନ୍ତ ପ୍ରତିକାର କରାଯାଇପାରୁଛି। ଜରୁରୀକାଳୀନ ପରିସ୍ଥିତିରେ ମଧ୍ୟ ଏହି ସେବା ସକ୍ରିୟ ରହିବ। ଏହାସହ ଗୁଣବତ୍ତା ମାନକ ଏସଏଆଇଏଫଆଇ ଏବଂ ଏସଏଆଇଡିଆଇ ଭଳି ଟିପିଏସ୍‌ଓଡିଏଲର ଅନଲାଇନ୍ ପବ୍ଲିକେସନ୍ ଗୁଣାତ୍ମକ ସେବା ଯୋଗାଇବା ଦିଗରେ କମ୍ପାନୀର ପ୍ରତିବଦ୍ଧତାକୁ ଦର୍ଶାଉଛି। ସାଟେଲାଇଟ ଫୋନ୍ ଏବଂ ଏକ ସ୍ୱତନ୍ତ୍ର ୩୩ କେଭି କଣ୍ଟ୍ରୋଲ ଡେସ୍କ ମାଧ୍ୟମରେ ସବୁ ବିଭାଗ ମଧ୍ୟରେ ସମନ୍ୱୟକୁ ସୁନିଶ୍ଚିତ କରାଯାଇଛି। ଟେକ୍ନୋଲଜିର ଉପଯୋଗ ଏବଂ ସଶକ୍ତ ଟିମ୍ ପ୍ରସ୍ତୁତ କରି ଟିପିଏସ୍‌ଓଡିଏଲ୍ ମୌସୁମୀ ଋତୁରେ ଭରସାଯୋଗ୍ୟ ବିଜୁଳି ବିତରଣ କରିବା ଦିଗରେ ଏକ ମାନଦଣ୍ଡ ସ୍ଥାପନ କରିଛି।

ଏହି ପଦକ୍ଷେପ ସମ୍ପର୍କରେ ଟିପିଏସ୍‌ଓଡିଏଲର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅମିତ କୁମାର ଗର୍ଗ କହିଛନ୍ତି, "ବର୍ଷା ଋତୁରେ ଆମେ ଉଭୟ ଉପଭୋକ୍ତା ଏବଂ ଆମ କର୍ମଚାରୀଙ୍କ ସୁରକ୍ଷା ଉପରେ ଅଧିକ ଗୁରୁତ୍ୱ ଦେଉ। ମୌସୁମୀର ଆହ୍ୱାନ ସତ୍ତ୍ୱେ ପ୍ରତ୍ୟେକ ଉପଭୋକ୍ତା, ବ୍ୟାବସାୟିକ ଅନୁଷ୍ଠାନ ଏବଂ ଅତ୍ୟାବଶ୍ୟକ ସେବାଗୁଡିକୁ ସର୍ବନିମ୍ନ ବ୍ୟାଘାତ ସହ ଉତ୍ତମ ବିଜୁଳି ସେବା ପ୍ରଦାନ ସୁନିଶ୍ଚିତ କରିବା ଉପରେ ଧ୍ୟାନ ଦିଆଯାଉଛି। ସୁଦୃଢ଼ ନେଟୱର୍କ, ଡ୍ରୋନ ସର୍ଭେ ଭଳି ଉନ୍ନତ ଟେକ୍ନୋଲଜି ଏବଂ ଗ୍ରାହକ ସମ୍ପର୍କ ମାଧ୍ୟମରେ ଆମେ ଭରସାଯୋଗ୍ୟ ବିଜୁଳି ଯୋଗାଇବା ସହ ଉପଭୋକ୍ତାଙ୍କ ଚାହିଦା ଏବଂ ସମସ୍ୟାକୁ ଦୃଷ୍ଟିରେ ରଖି କାମ କରୁଛୁ।

## ଆଜି ବିଜେଡିର ଆର୍‌ଡିସି ଅଫିସ ଘେରଉ

ବ୍ରହ୍ମପୁର,୨୦ା୭ (ସମିସ): ରାଜ୍ୟରେ ବୃଦ୍ଧି ପାଉଥିବା ଗଣଦୁଷ୍କର୍ମ, ଦୁଷ୍କର୍ମ, ମହିଳା ନିର୍ଯାତନା ବିରୋଧରେ ଓ ବାଲେଶ୍ୱର ଛାତ୍ରୀ ସୌମାଶ୍ରୀଙ୍କ ଆତ୍ମାହୂତି ଘଟଣାର ବିଚାର ବିଭାଗୀୟ ତଦନ୍ତ ଦାବିରେ ବିଜୁ ଜନତା ଦଳ ପକ୍ଷରୁ ଆରଡ଼ିସି ଅଫିସ ଆଗରେ ଆନ୍ଦୋଳନ ସଂଗଠିତ ଲାଗି ଡ଼ାକରା ଦିଆଯାଇଛି । ଏହିକ୍ରମରେ ବ୍ରହ୍ମପୁର ସ୍ଥିତ ଦକ୍ଷିଣାଞ୍ଚଳ ରାଜସ୍ୱ ଆୟୁକ୍ତ (ଆରଡ଼ିସି) ଙ୍କ କାର୍ଯ୍ୟାଳୟ ସାମ୍ନାରେ ବିଶାଳ ବିକ୍ଷୋଭ ଅନୁଷ୍ଠିତ ହେବ । ଏହାକୁ ସଫଳ କରିବାକୁ ବିଜୁ ଜନତା ଦଳର ସମସ୍ତ ନିର୍ବାଚନ ମଣ୍ଡଳୀର ନେତୃମଣ୍ଡଳୀଙ୍କ ପକ୍ଷରୁ ଆହ୍ୱାନ ଦିଆଯାଇଛି । ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ଛକରୁ ଏକ ବିଶାଳ ଶୋଭାଯାତ୍ରାରେ ବିଜୁ ଜନତା ଦଳର କର୍ମୀ ଓ ସମର୍ଥକ ଆସି ଆର୍‌ଡ଼ିସିଙ୍କୁ ଦାବିପତ୍ର ପ୍ରଦାନ କରିବା ସହ ବିକ୍ଷୋଭ କରିବେ ବୋଲି ସୂଚନା ମିଳିଛି ।

## ଅନ୍‌ଲାଇନ ଟ୍ରେଡିଂ ନାଁରେ ୨୦.୫୫ ଲକ୍ଷ ଠକେଇ

ବ୍ରହ୍ମପୁର,୨୦ା୭ (ସମିସ): ଇଣ୍ଟରନାଲ ଟ୍ରେଡିଂ ହବ୍ ନାମକ ଏକ ହ୍ୱାଟ୍ସଆପ ଗ୍ରୁପ ଗଠନ କରି ସାଇବର ଠକମାନେ ଜଣେ ବ୍ୟକ୍ତିଙ୍କଠାରୁ ୨୦ଲକ୍ଷ ୫୫ ହଜାର ଟଙ୍କା ଠକି ନେଇଛନ୍ତି । ଏନେଇ ଅଭିଯୋଗ ପରେ ବ୍ରହ୍ମପୁର ସାଇବର ଓ ଅର୍ଥନୈତିକ ଅପରାଧ ଥାନା ପୁଲିସ ତଦନ୍ତ ଆରମ୍ଭ କରିଛି । ସୂଚନାଯୋଗ୍ୟ ଯେ, ଏମକେସିଜି ମେଡିକାଲରେ କାର୍ଯ୍ୟରତ ଥିବା ଜଣେ ବ୍ୟକ୍ତି କିଛି ଦିନ ତଳେ ସାମାଜିକ ଗଣମାଧ୍ୟମ ଜରିଆରେ ଅନଲାଇନ ଟ୍ରେଡିଂ ବିଷୟରେ ଜାଣିବାକୁ ପାଇଥିଲେ । ଇଣ୍ଟରନାଲ ଟ୍ରେଡିଂ ହବ୍ ନାମକ ଏକ ହ୍ୱାଟ୍ସଆପ ଗ୍ରୁପ ଜରିଆରେ ଟଙ୍କା ଇନଭେଷ୍ଟ କଲେ ବର୍ଷକୁ ତାହା ୩ଗୁଣା ହୋଇଯିବ ବୋଲି ତାଙ୍କୁ କୁହାଯାଇଥିଲା । ସେହି ଗ୍ରୁପର ଆଡମିନମାନେ ଅଭିଯୋଗକାରୀ ବ୍ୟକ୍ତିଙ୍କୁ ଏହି ସ୍କିମ ବିଷୟରେ ବୁଝାଇବା ସହ ୧ଲକ୍ଷ ଟଙ୍କା ଇନଭେଷ୍ଟ କଲେ ତାହା ବର୍ଷକ ଭିତରେ ୩ ଲକ୍ଷ ହୋଇଯିବ ବୋଲି କହିଥିଲେ । ଏପରିକି ଅଧିକ ଟଙ୍କା ଇନଭେଷ୍ଟ କଲେ ଅଧିକ ବୋନସ ମିଳିବ ବୋଲି କହିଥିଲେ । ସେହିକ୍ରମରେ ଅଭିଯୋଗକାରୀ ଜଣଙ୍କ ଏକ ଟ୍ରେଡିଂ ଆକାଉଣ୍ଟ ଖୋଲିଥିଲେ । ଆଉ ଗ୍ରୁପର ଆଡମିନଙ୍କ ପରାମର୍ଶ ଅନୁସାରେ ସେଥିରେ ପ୍ରଥମେ ୧ଲକ୍ଷ ଟଙ୍କା ଇନଭେଷ୍ଟ କରିଥିଲେ । ପରବର୍ତ୍ତୀ ସମୟରେ ଅଧିକ ଲୋଭରେ ପଡି ଜୁନ ୧୦ତାରିଖ ଠାରୁ ଜୁଲାଇ ୧୬ତାରିଖ ମଧ୍ୟରେ ମୋଟ ୨୦ଲକ୍ଷ ୫୫ହଜାର ଟଙ୍କା ଇନଭେଷ୍ଟ କରି ଦେଇଥିଲେ । ତେବେ ମୋଟା ଅଙ୍କର ଇନଭେଷ୍ଟ କରିଥିବାରୁ ତାଙ୍କର ମୋଟା ଅଙ୍କର କମିଶନ ଆସିଛି ବୋଲି ଉକ୍ତ ଟ୍ରେଡିଂ ଆକାଉଣ୍ଟରେ ଦର୍ଶାଇଥିଲା । ୨ଦିନ ତଳେ ଅଭିଯୋଗକାରୀ ଜଣଙ୍କ ନିଜ ବୋନସ ଟଙ୍କା ଉଠାଇବାକୁ ଚେଷ୍ଟା କରିଥିଲେ । ହେଲେ ନିଜ ଟ୍ରେଡିଂ ଆକାଉଣ୍ଟରୁ ସେ ଟଙ୍କା ଉଠାଇବାରେ ଅସମର୍ଥ ହୋଇଥିଲେ । ଯାହାକୁ ନେଇ ସେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ । ଏ ବିଷୟରେ ସେ ଗ୍ରୁପର ଆଡ୍‌ମିନ୍‌ଙ୍କ ସହ ଯୋଗାଯୋଗ କରିଥିଲେ ମଧ୍ୟ ସେପଟୁ କୌଣସି ସହଯୋଗ ମିଳିନଥିଲା । ଏପରିକି ବାରମ୍ବାର ଟଙ୍କା ଉଠାଣ ପାଇଁ ଦାବି କରିବାରୁ ଗ୍ରୁପର ଆଡ୍‌ମିନ୍‌ମାନେ ତାଙ୍କ ଫୋନ ଗ୍ରହଣ କରିନଥିଲେ । ବିଭିନ୍ନ ଆଡୁ ଯାଞ୍ଚ କରିବା ପରେ ସେ ଠକେଇର ଶିକାର ହୋଇଥିବା ଜାଣିବାକୁ ପାଇଥିଲେ ।

## ଦୁର୍ଘଟଣାରେ କନେଷ୍ଟବଳ ଆହତ

ବ୍ରହ୍ମପୁର,୨୦ା୭ (ସମିସ): ବ୍ରହ୍ମପୁର ଜୟପ୍ରକାଶ ନଗର ଛକ ନିକଟରେ ଶନିବାର ରାତିରେ ବାଇକ୍ ଦୁର୍ଘଟଣାରେ ଜଣେ ପୁଲିସ କନେଷ୍ଟବଳ ଆହତ ହୋଇଛନ୍ତି । ସେ ହେଲେ ୨୦୨୩ ବ୍ୟାଚର କମଳ ନାୟକ । କମଳ ନିଜ ବୁଲେଟ ଯୋଗେ କୌଣସି କାମରେ ବ୍ରହ୍ମପୁର ଆସି ରିଜର୍ଭ ଅଫିସ ସ୍ଥିତ ବାରେକକୁ ଫେରୁଥିବା ବେଳେ ଜୟପ୍ରକାଶ ନଗର ଛକ ସ୍ଥିତ ପେଟ୍ରୋଲ ପମ୍ପ ନିକଟରେ ଅଜଣା ଗାଡ଼ି ଧକ୍କାରେ ଆହତ ହୋଇଥିଲେ । ସ୍ଥାନୀୟ ଲୋକେ ଓ କମଳଙ୍କ ସହଯୋଗୀ ତାଙ୍କୁ ଉଦ୍ଧାର କରି ଏମକେସିଜି ମେଡ଼ିକାଲରେ ଭର୍ତ୍ତି କରିଥିଲେ । ହାବିଲଦାର ଓ କନେଷ୍ଟବଳ ସଂଘର ସଭାପତି ନୟନ ରଞ୍ଜନ ଆଚାର୍ଯ୍ୟଙ୍କ ସମେତ ବହୁ ପୁଲିସ କର୍ମଚାରୀ ମେଡ଼ିକାଲରେ ପହଞ୍ଚି କମଳଙ୍କ ସ୍ୱାସ୍ଥ୍ୟବସ୍ଥା ବିଷୟରେ ଡାକ୍ତରଙ୍କୁ ପଚାରିଥିଲେ ।

■ ରାଜ୍ୟସ୍ତରୀୟ ସବ୍‌ଜୁନିଅର ବାଳକ-ବାଳିକା ବକ୍ସିଂ

## ୨୨ରେ ଗଞ୍ଜାମ ଦଳ ଚୟନ ଶିବିର

ବ୍ରହ୍ମପୁର,୨୦ା୭ (ସମିସ): ଆସନ୍ତା ୨୬ ଓ ୨୭ ଦୁଇଦିନ ଧରି ରାଉରକେଲା ଠାରେ ଅନୁଷ୍ଠିତ ହେବାକୁ ଯାଉଛି ରାଜ୍ୟସ୍ତରୀୟ ସବ୍ ଜୁନିଅର ବାଳକ ଓ ବାଳିକା ବକ୍ସିଂ ପ୍ରତିଯୋଗିତା । ଏଥିରେ ଭାଗ ନେବା ପାଇଁ ଉଭୟ ବର୍ଗରେ ଗଞ୍ଜାମ ଦଳ ଚୟନ କରାଯିବ । ଏଥିପାଇଁ ଆସନ୍ତା ୨୨ତାରିଖରେ ସ୍ଥାନୀୟ ମହାତ୍ମା ଗାନ୍ଧୀ ଷ୍ଟାଡିୟମରେ ଚୟନ ଶିବିରର ଆୟୋଜନ କରାଯାଉଛି । ଯୋଗ୍ୟ ଖେଳାଳୀମାନେ ଉଭୟ ବର୍ଗରେ ନିଜର ଆଧାର କାର୍ଡ, ଜନ୍ମ ପ୍ରମାଣପତ୍ର, ପାସପୋର୍ଟ ସାଇଜ ଫଟୋ ୨ଟି ସହିତ ବ୍ରହ୍ମପୁର ଷ୍ଟାଡିୟମରେ ୨୨ତାରିଖ ପୂର୍ବାହ୍ନ ୮ଟା ସୁଦ୍ଧା ପହଞ୍ଚି ବରିଷ୍ଠ କୋଚ ଶିଶିର କୁମାର ପାଣିଗ୍ରାହୀ ଓ କେ. ପ୍ରଭାକର ରାଓଙ୍କ ସହ ଯୋଗାଯୋଗ କରିବାକୁ ପରାମର୍ଶ ଦିଆଯାଇଛି । ଶିବିରରେ ଜିଲ୍ଲାର ସମସ୍ତ ବ୍ଲକ, ସମସ୍ତ କ୍ଲବ ଓ ସମସ୍ତ ଆସୋସିଏସନ ତଥା ସବୁ ଗ୍ରାମ, ବିଦ୍ୟାଳୟ ଓ ସହରରୁ ଇଚ୍ଛୁକ ବକ୍ସର ଯୋଗ ଦେଇପାରିବେ ବୋଲି ଗଞ୍ଜାମ ଜିଲ୍ଲା କ୍ରୀଡ଼ା ସଂଘ ସମ୍ପାଦକ ଜେ.କାମେଶ୍ୱର ରାଓ ଜଣାଇଛନ୍ତି ।

ଗଞ୍ଜାମରେ ଦିଗହରା ଉଦ୍ୟାନ କୃଷି ବିଭାଗ

# ଫଳ ଫଳିନି; ସଫଳତାରେ ପେଟ ପୂରୁଛି

ବ୍ରହ୍ମପୁର,୨୦ା୭ (ସମିସ)

ଗଞ୍ଜାମ ଜିଲ୍ଲାରେ ଉଦ୍ୟାନ କୃଷି ବିଭାଗ ଦିଗହରା ହେଉଛି । ଗତ କିଛିଦିନ ପୂର୍ବେ ଚାଷୀଙ୍କ ସବ୍‌ସିଡ଼ି ପ୍ରଦାନରେ ଅନିୟମିତତା ଓ ହାତଗୁଞ୍ଜା ଦେଲେ ଫାଇଲ ଘୁଞ୍ଚୁଥିବା ଅଭିଯୋଗ ହୋଇଥିଲା । ଏବେ ବିନା ଫଳରେ ସଫଳତା ବୋଲି ଦର୍ଶାଯାଇଥିବା ଅଭିଯୋଗ ହୋଇଛି । ଯାହାକୁ ନେଇ ଗତ ଗଞ୍ଜାମ ଜିଲ୍ଲା ପରିଷଦ ବୈଠକରେ ମଧ୍ୟ କିଛି ଜିଲ୍ଲା ପରିଷଦ ସଭ୍ୟ ବିଭାଗୀୟ ବ୍ରହ୍ମପୁର ଉଦ୍ୟାନ କୃଷି ଉପ-ନିର୍ଦ୍ଦେଶକଙ୍କୁ ଘେରିଥିଲେ । ସୂଚନା ପ୍ରକାରେ ଗଞ୍ଜାମ ଜିଲ୍ଲାର ପାତ୍ରପୁର ଓ ସୋରଡ଼ା ବ୍ଲକରେ ଷ୍ଟ୍ରୋବେରୀ ବା ଲିଚୁ ଚାଷ ସଫଳତା ଦେଇଥିବା ଉଦ୍ୟାନ କୃଷି ବିଭାଗ ପକ୍ଷରୁ କୁହାଯାଇଥିଲା । ହେଲେ ଏହାକୁ ସମସ୍ତେ ସତ ବୋଲି ମାନୁଥିଲେ । ବାସ୍ତବରେ କିଛି ଅଲଗା ଥିଲା । ସୋରଡ଼ା ବ୍ଲକରେ ଷ୍ଟ୍ରବେରୀ ଫଳିନି କିନ୍ତୁ ବିଭାଗ ସଫଳତାର ଗୁଣଗାନ କରୁଥିବା ଉକ୍ତ ଅଞ୍ଚଳର ଜିଲ୍ଲା ପରିଷଦ ସଭ୍ୟ ସମରେନ୍ଦ୍ର କୁମାର ସାହୁ ଅଭିଯୋଗ କରିଛନ୍ତି ।

ସେ କହିଛନ୍ତି ଯେ, ଯେଉଁଠାରେ ଏହି ଚାଷ ହୋଇଥିଲା ତାହା ତାଙ୍କ ନିର୍ବାଚନୀ କ୍ଷେତ୍ର ମଧ୍ୟରେ ଅବସ୍ଥିତ । ୨୦୨୪/୨୫ମସିହାରେ ସୋରଡ଼ା ବ୍ଲକର ଗୋଛା ପଞ୍ଚାୟତ ଅଧିନସ୍ଥ ଦାବିକିବଳପଙ୍କ ଗ୍ରାମରେ ଉଦ୍ୟାନ କୃଷି ବିଭାଗ ପକ୍ଷରୁ ୩ରୁ ଅଧିକ ଷ୍ଟ୍ରବେରୀ ଚାଷ ପ୍ରକଳ୍ପ କରାଯାଇଥିଲା । ଏଥିରେ ପ୍ରକଳ୍ପ ପିଛା ଲକ୍ଷାଧିକ ଟଙ୍କା ମଧ୍ୟ ଖର୍ଚ୍ଚ ହେଇଥିଲା । କିନ୍ତୁ ଏହି ପ୍ରକଳ୍ପ ଫେଲ ମାରିଥିଲା । ସରକାରୀ ଟଙ୍କା ପାଣିରେ ପଡ଼ିଥିବା ବେଳେ ଅନୁକୂଳରେ କିଛି ଅଧିକାରୀ ପରିଦର୍ଶନ କରି ତଦାରଖ କରୁଥିଲେ । ତତପରେ ଏହାର କାର୍ଯ୍ୟକାରିତା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା । ଏଥିରେ ଲକ୍ଷାଧିକ ଖର୍ଚ୍ଚ ହୋଇଥିବା ବେଳେ ଟଙ୍କାଟିଏ ମଧ୍ୟ ସରକାର ଅଥବା ବିଭାଗକୁ ଫଳପ୍ରଦ ହୋଇନଥିବା ସେ ଅଭିଯୋଗ କରିଛନ୍ତି । ଅପରପକ୍ଷେ ଷ୍ଟ୍ରବେରୀ ଫଳିନଥିବା ବେଳେ ଉଦ୍ୟାନ କୃଷି ବିଭାଗ ପକ୍ଷରୁ ଜିଲ୍ଲା ପରିଷଦ ବୈଠକରେ ସଫଳତା ବୋଲି ଦର୍ଶାଇବା ହାସ୍ୟାସ୍ପଦ ବୋଲି ସେ କହିଛନ୍ତି । ଏଣେ ଜିଲ୍ଲା ପରିଷଦ ବୈଠକରେ ୬୩ନଂ ଜିଲ୍ଲା ପରିଷଦ ସଭ୍ୟ ସମରେନ୍ଦ୍ର ନାୟକ ଅସଲ କଥା ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ପରବର୍ତ୍ତି ସମୟରେ ଏହାକୁ ସମସ୍ତେ ସ୍ୱୀକାର ମଧ୍ୟ କରିଥିଲେ । ଏହି ପ୍ରକଳ୍ପରେ କିଛି ଲିଚୁ ଫଳିନଥିବା ବେଳେ ବିଭାଗ ସଫଳତା କଥା କିଭଳି କହୁଛନ୍ତି ସେ ବୋଲି ପ୍ରଶ୍ନ କରିଥିଲେ । ଯାହାକୁ ନେଇ ବିଭାଗୀୟ ଅଧିକାରୀ ମଧ୍ୟ ବୈଠକରେ ପରବର୍ତ୍ତି ସମୟରେ ନିରବୀ ଯାଇଥିବା ଦେଖିବାକୁ ମିଳିଥିଲା । ସେହିଭଳି ଅନ୍ୟ ଯୋଜନା ଗୁଡ଼ିକର କାର୍ଯ୍ୟକାରିତା ଉପରେ ମଧ୍ୟ ବହୁ ଜନ ପ୍ରତିନିଧି ଅଭିଯୋଗ କରିଛନ୍ତି । ଉଦ୍ୟାନ କୃଷି ବିଭାଗର ଯୋଜନା ସମ୍ପର୍କରେ ଚାଷୀକୂଳ ଅବଗତ ନଥିବା ବେଳେ କିଛି ହାତଗଣତି ଚାଷୀଙ୍କୁ ନେଇ ବିଭାଗ କାମ ସାରି ଦେଉଥିବା ଅଭିଯୋଗ ହୋଇଛି । ଅପରପକ୍ଷେ ବ୍ରହ୍ମପୁର ସ୍ଥିତ ଉଦ୍ୟାନ କୃଷି ଉପନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ଅଧିନରେ ସମୁଦାୟ ୧୬୦ପଦବୀ ମଧ୍ୟରୁ ୭୧ଟି ପଦବୀ ଖାଲିଥିବା ଜଣାପଡ଼ିଛି । ଏଥିରେ ଉଦ୍ୟାନ ସମ୍ପ୍ରସାରଣ ଅଧିକାରୀ, ଅଧିଦର୍ଶକ ପଦବୀ ସମେତ ବ୍ଲକ ଅଧିକାରୀଙ୍କ ପୋଷ୍ଟ ମଧ୍ୟ ଖାଲି ରହିଛି । ଯାହାକୁ ନେଇ ଉଦବେଗ ପ୍ରକାଶ ପାଇଛି । ପଦବୀ ସଂକଟ ଥିବା ବେଳେ ସରକାରୀ ସ୍ତରରେ ବିଭାଗ ସଫଳତା ବଖାଣିବାକୁ ନେଇ ସାଧାରଣରେ ଅସନ୍ତୋଷ ଦେଖାଦେଇଛି ।

**୧୬୦ରୁ ୭୧ ପଦବୀ ଖାଲି; କାର୍ଯ୍ୟ ବାଧାପ୍ରାପ୍ତ**

## ଓକିଲଙ୍କ ବିନା ତହସିଲ ଅଦାଲତରେ ହେଉଛି ମାମଲାର ସମାଧାନ

**କିରାଣିଙ୍କ ଓକିଲମାରଣ ନୀତିକୁ ବରଦାସ୍ତ କରାଯିବନି**

**ଜିଲ୍ଲାପାଳଙ୍କ ହସ୍ତକ୍ଷେପ ଲୋଡ଼ିଲେ ଗଞ୍ଜାମ ଓକିଲ ସଂଘ ସଭାପତି**

ବ୍ରହ୍ମପୁର,୨୦ା୭ (ସମିସ)

ଜିଲ୍ଲାର ବିଭିନ୍ନ ତହସିଲ କାର୍ଯ୍ୟାଳୟରେ ମାମଲା ଗୁଡିକର ଫଇସଲା ବିନା ଅଧିବକ୍ତାଙ୍କ ଉପସ୍ଥିତିରେ କରାଯାଉଛି । ଏଥିରେ କାର୍ଯ୍ୟାଳୟର କିଛି କିରାଣିଙ୍କ ସମ୍ପୃକ୍ତି ଥିବା ଅଭିଯୋଗ ହୋଇଛି । ଏଭଳି ଅଭିଯୋଗ ଆସିବା ପରେ ଓକିଲ ମାରଣ ନୀତିକୁ ଆଦୌ ବରଦାସ୍ତ କରାଯିବ ନାହିଁ ବୋଲି ସ୍ପଷ୍ଟ ଚେତାବନୀ ଦେଇଛନ୍ତି ଗଞ୍ଜାମ ଓକିଲ ସଂଘ ସଭାପତି ମନୋଜ ପଟ୍ଟନାୟକ । ଏଭଳି ଘଟଣାରେ ସେ ଗଞ୍ଜାମ ଜିଲ୍ଲାପାଳଙ୍କୁ ଚିଠି ଲେଖିବା ସହିତ ଏଥିରେ ହସ୍ତକ୍ଷେପ କରି ସମ୍ପୃକ୍ତ କିରାଣିଙ୍କୁ ତାଗିଦ କରିବାକୁ ସେ କହିଛନ୍ତି ।

ପ୍ରକାଶ ଯୋଗ୍ୟ ଯେ' ଫୌଜଧାରୀ କାର୍ଯ୍ୟବିଧି ସଂହିତା-୧୯୭୩ର ଧାରା ୧୦୭ (ନୂଆ ଆଇନ ଭାରତୀୟ ନାଗରିକ ସୁରକ୍ଷା ସଂହିତା-୨୦୨୩ର ଧାରା-୧୨୬) ଏକ ପ୍ରତିଷେଧକ ଧାରା । ଯେତେବେଳେ କୌଣସି ପ୍ରଶାସନିକ ମାଜିଷ୍ଟ୍ରେଟ ଖବର ପାଆନ୍ତି ଯେ' କୌଣସି ବ୍ୟକ୍ତି ଶାନ୍ତିଭଙ୍ଗ କରିପାରେ କିମ୍ବା ସର୍ବସାଧାରଣଙ୍କ ଶାନ୍ତିରେ ବିଘ୍ନ ଘଟାଇପାରେ ଅଥବା ଏପରିକି କିଛି ବେଆଇନ କାର୍ଯ୍ୟ କରିବାକୁ ଉଦ୍ୟତ ଫଳରେ ଶାନ୍ତିଭଙ୍ଗ ଅଥବା ସର୍ବସାଧାରଣଙ୍କ ଶାନ୍ତିଶୃଙ୍ଖଳା ବ୍ୟାହତ ହେବାର ଆଶଙ୍କା ରହିଥାଏ ତେବେ ଏଭଳି ପରିସ୍ଥିତିରେ ଜଣେ ମାଜିଷ୍ଟ୍ରେଟ ଯଦି ନିଜ ପାଖରେ ଆବଶ୍ୟକ ବ୍ୟବସ୍ଥା ଥିବା ହୃଦବୋଧ କରନ୍ତି ତେବେ ସେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ସମନ ବା ନୋଟିସ ଜାରି କରିଥାନ୍ତି । ସମନ ପାଇବା ପରେ ବ୍ୟକ୍ତି ଜଣକ ତହସିଲ କାର୍ଯ୍ୟାଳୟରେ ନିଜ ଓକିଲଙ୍କ ଜରିଆରେ ହାଜର ହୋଇ ଜାମିନନାମା ଦେଇ ଜାମିନରେ ଯାଇଥାନ୍ତି । ଏବଂ ମାମଲା ଶେଷ ହେବା ପର୍ଯ୍ୟନ୍ତ ପ୍ରତି ମାସରେ ଓକିଲଙ୍କ ଦ୍ୱାରା ତହସିଲ ଅଦାଲତରେ ହାଜର ହୋଇଥାନ୍ତି । ତେବେ ବର୍ତ୍ତମାନ ପରିସ୍ଥିତିରେ ତହସିଲ ଅଦାଲତ ଗୁଡିକରେ ବିନା ଓକିଲଙ୍କ ଉପସ୍ଥିତିରେ ଏପରିକି ବିନା ୱକାଲତନାମାରେ କିରାଣିମାନେ ହାତଗୁଞ୍ଜା ନେଇ ସମ୍ପୃକ୍ତ ବ୍ୟକ୍ତିଙ୍କ ଆଧାର କାର୍ଡର ଜେରକ୍ସ ନେଇ ବିନା ଓକିଲ ଓ ୱକାଲତନାମାରେ ମାମଲାକୁ ରଫାଦଫା କରୁଥିବା ଭଳି ଘଟଣା ଗଞ୍ଜାମ ଓକିଲ ସଂଘର ନଜରକୁ ଆସିଛି । ଏହା ଦ୍ୱାରା ଅଧିବକ୍ତାମାନଙ୍କ ଆବଶ୍ୟକତା ଓ ଗୁରୁତ୍ୱ ହ୍ରାସ ପାଉଥିବା ବେଳେ ଆର୍ଥିକ କ୍ଷତି ମଧ୍ୟ ସହିବାକୁ ପଡୁଛି । ଏଣୁ ଏକ୍ଷେତ୍ରରେ ବିଧିବଦ୍ଧ ତଦନ୍ତ କରାଯାଇ ଏଭଳି ଅଭ୍ୟାସକୁ ତୁରନ୍ତ ବନ୍ଦ କରିବାକୁ ଦାବି କରି ଗଞ୍ଜାମ ଓକିଲ ସଂଘର ସଭାପତି ମନୋଜ ପଟ୍ଟନାୟକ ଗଞ୍ଜାମ ଜିଲ୍ଲାପାଳଙ୍କୁ ଚିଠି ଲେଖି ହସ୍ତକ୍ଷେପ ଲୋଡିଛନ୍ତି । ଆଗକୁ ଏଭଳି ଧାରା ଜାରି ରହିଲେ ଏହାକୁ ଗଞ୍ଜାମ ଓକିଲ ସଂଘ ଓ ଆଇନଜୀବୀ ସମାଜ ଆଦୌ ଗ୍ରହଣ କରିବେ ନାହିଁ ବୋଲି ସ୍ପଷ୍ଟ ଚେତାବନୀ ଦେଇଛନ୍ତି ।

## ମହାମାୟୀ କଲେଜରେ ଛାତ୍ରୀ ସଚେତନତା କାର୍ଯ୍ୟକ୍ରମ



ବ୍ରହ୍ମପୁର,୨୦ା୭ (ସମିସ): ସ୍ଥାନୀୟ ମହାମାୟୀ ମହିଳା ମହାବିଦ୍ୟାଳୟର ଉଭୟ ଗାନ୍ଧୀନଗର ତଥା ମିନାକ୍ଷୀ ନଗର କ୍ୟାମ୍ପସରେ ଆଭ୍ୟନ୍ତରୀଣ ଅଭିଯୋଗ କମିଟି ତରଫରୁ ଏକ ଆଭ୍ୟନ୍ତରୀଣ ସମସ୍ୟା ତଥା ଯୌନ ଉତ୍ପୀଡ଼ନ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଅଧ୍ୟକ୍ଷା ଡ. ନିବେଦିତା ମହାପାତ୍ରଙ୍କ ନିର୍ଦ୍ଦେଶକ୍ରମେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରଶାସନିକ ଅଧିକାରିଣୀ ଡ. ସୁଜାତା ପଣ୍ଡିତ ଅଧ୍ୟକ୍ଷତା କରିଥିଲେ । ମୁଖ୍ୟବକ୍ତା ଭାବେ ଆନ୍ତର୍ଜାତୀୟ ମାନବ ଅଧିକାର ସଙ୍ଗଠନର ପୂର୍ବାଞ୍ଚଳ ଅଧ୍ୟକ୍ଷା ତଥା ଦୈନିକ ଓଡିଆ ଖବରକାଗଜ 'ଉତ୍କଳ ମେଲ'ର ଦକ୍ଷିଣଓଡିଶା ମୁଖ୍ୟ ସୁଶ୍ରୀ ରଶ୍ମିତା ପାଣିଗ୍ରାହୀ ଉପସ୍ଥିତ ରହି ଛାତ୍ରୀମାନଙ୍କୁ କୌଣସି ଭୁଲ ପଦକ୍ଷେପ ନନେଇ ବରଂ ପରିସ୍ଥିତିର ସାହାସିକତାର ସହିତ ମୁକାବିଲା କରିବାକୁ ଆହ୍ୱାନ ଦେଇଥିଲେ । ମହାବିଦ୍ୟାଳୟର ଆଇସିସି ଆବାହକ ଡ. ଅମିତା କୁମାରୀ ପଣ୍ଡା, ସଦସ୍ୟା ତଥା ଯୁବ ରେଡକ୍ରସ୍ ସଂଯୋଜିକା ଡ.ସ୍ୱର୍ଣ୍ଣଲତା ପଟ୍ଟନାୟକ, ଅଧ୍ୟାପିକା ନୂତନ ମହାରଣା, ସନ୍ଧ୍ୟାରାଣୀ ବେହେରା, ରିଚା ପାତ୍ର ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଆଇସିସି ସଦସ୍ୟା ତଥା ଛାତ୍ରୀ ପ୍ରତିନିଧି ବର୍ଷା ଲେଙ୍କା ଓ ଭାରତୀ ବେହେରା ଉପସ୍ଥିତ ଥିବାବେଳେ ଛାତ୍ରୀ କୁମକୁମ ମହାନ୍ତି ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ । ଛାତ୍ରୀମାନଙ୍କୁ କଲେଜର ଆଭ୍ୟନ୍ତରୀଣ ଓ ବିଭାଗୀୟ ସମସ୍ୟା ସମ୍ପର୍କରେ ବିନାଶଙ୍କାରେ ଆଇସିସି ସଦସ୍ୟାଙ୍କୁ ଅବଗତ କରିବାକୁ ପରାମର୍ଶ ଦିଆଯାଇଥିଲା ।

## ଆର୍‌ଆଇ ଅଫିସରୁ ୨ ଲାପ୍‌ଟପ୍ ଓ ଏମ୍‌କେସିଜିରୁ ଏସି ପାଇପ୍ ଚୋରି

ବ୍ରହ୍ମପୁର,୨୦ା୭ (ସମିସ): କୁକୁଡାଖଣ୍ଡି ତହସିଲ ଅନ୍ତର୍ଗତ ଦକ୍ଷିଣପୁର ଆର୍‌ଆଇ କାର୍ଯ୍ୟାଳୟରୁ ୨ଟି ଲାପ୍‌ଟପ୍ ଓ ଏମ୍‌କେସିଜି ମେଡିକାଲ କଲେଜ ଓ ହସ୍‌ପିଟାଲ ପାଥୋଲୋଜି ବିଭାଗରେ ଲାଗିଥିବା ନୂତନ ଏସି ପାଇପ୍ ସହ ଅନ୍ୟାନ୍ୟ ସାମଗ୍ରୀ ଚୋରି ହୋଇଛି । ଏ ନେଇ ଅଭିଯୋଗ ପରେ ସଦର ଥାନା ଓ ବୈଦ୍ୟନାଥପୁର ଥାନାରେ ୨ଟି ପୃଥକ ମାମଲା ରୁଜୁ ହୋଇଛି । ପ୍ରକାଶଥାଉକି, ଆଜକୁ ୩ ଦିନ ତଳେ ଦକ୍ଷିଣପୁର ଆର୍‌ଆଇ କାର୍ଯ୍ୟାଳୟର ରାଜସ୍ୱ ନିରୀକ୍ଷକ ନୀଳାଞ୍ଚଳ ବେହେରା ନିଜ କାର୍ଯ୍ୟାଳୟରେ ଲାପ୍‌ଟପ୍ ରଖିଥିଲେ । କର୍ମଚାରୀମାନେ ଉକ୍ତ ଦିନ କାର୍ଯ୍ୟାଳୟ ବନ୍ଦ କରି ଘରକୁ ଫେରିଥିଲେ । ହେଲେ ତା ପରଦିନ ସକାଳୁ ଯାଇ ଦେଖିବା ବେଳେ କାର୍ଯ୍ୟାଳୟ ଭିତରେ ରଖାଯାଇଥିବା ୨ଟି ଦାମୀ ଲାପ୍‌ଟପ୍ ସହ କିଛି ଜରୁରୀ କାଗଜପତ୍ର ଚୋରି ହୋଇଥିବା ଜଣାପଡିଥିଲା । ଘଟଣାକୁ ନେଇ ରାଜସ୍ୱ ନିରୀକ୍ଷକ ନୀଳାଞ୍ଚଳ ସଦର ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା(୩୧୭/୨୫) ରୁଜୁ କରି ତଦନ୍ତ ଚଳାଇଛି । ସେହିପରି ଏମ୍‌କେସିଜିର ପାଥୋଲୋଜି ବିଭାଗରେ କିଛିଦିନ ତଳେ ପ୍ରାୟ ୧ ଲକ୍ଷ ଟଙ୍କା ମୂଲ୍ୟର ଏକ ନୂତନ ଏସି ସ୍ଥାପନ କରାଯାଇଥିଲା । ହେଲେ କୌଣସି ଦୁର୍ବୃତ୍ତ ସେହି ଏସିର ତମ୍ବା ପାଇପ ଓ କଂପ୍ରେସର ଚୋରି କରି ନେଇଯାଇଥିବା ଜଣାପଡିଥିଲା । ଏପରିକି ଚୋରି ବେଳର ଦୃଶ୍ୟ ସିସିଟିଭି କ୍ୟାମେରାରେ କଏଦ ହୋଇଥିବା ମେଡିକାଲ କର୍ତ୍ତୃପକ୍ଷ ଜାଣିବାକୁ ପାଇଥିଲେ । ଘଟଣାକୁ ନେଇ ଏମ୍‌କେସିଜିର ଡିନ୍ ତଥା ଅଧ୍ୟକ୍ଷ ପ୍ରଫେସର ଡା. ସୁଚିତ୍ରା ଦାସ ବୈଦ୍ୟନାଥପୁର ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା(୩୬୧/୨୫) ରୁଜୁ କରି ତଦନ୍ତ ଜାରି ରଖିଛି ।

## ନାବାଳିକାକୁ ଅପହରଣ ପରେ ଦୁଷ୍କର୍ମ ମାମଲା; ଯୁବକ ଗିରଫ

ବ୍ରହ୍ମପୁର,୨୦ା୭ (ସମିସ): ନାବାଳିକାକୁ ଅପହରଣ ଓ ଦୁଷ୍କର୍ମ ଅଭିଯୋଗରେ ବୈଦ୍ୟନାଥପୁର ଥାନା ପୁଲିସ ଜଣେ ଯୁବକକୁ ଗିରଫ କରି କୋର୍ଟଚାଲାଣ କରିଛି । ଗିରଫ ଯୁବକ ଜଣକ ହେଲେ ପଞ୍ଚମା ଅଞ୍ଚଳର ରାଜେଶ ଦାସ(୨୧) । ଅନ୍ୟପକ୍ଷରେ ପୀଡ଼ିତା ଓ ଅଭିଯୁକ୍ତଙ୍କ ଡାକ୍ତରୀ ପରୀକ୍ଷା କରିବା ସହ ପୀଡ଼ିତାଙ୍କ ବୟାନ ରେକର୍ଡ କରିଛି ପୁଲିସ । ସୂଚନାଯୋଗ୍ୟ ଯେ, ଗତ ଜୁନ ୨୪ରେ ଆଙ୍କୁଲି ଅଞ୍ଚଳର ଜଣେ ନାବାଳିକା(୧୭) ନିଖୋଜ ନେଇ ଥାନାରେ ଅଭିଯୋଗ ହୋଇଥିଲା । ପୁଲିସ ପ୍ରଥମେ ନିଖୋଜ ମାମଲା ରୁଜୁ କରି ତଦନ୍ତ କରିଥିଲା । ତଦନ୍ତ ବେଳେ ଉକ୍ତ ନାବାଳିକାକୁ ପଞ୍ଚମାର ରାଜେଶ ଦାସ ନାମକ ଜଣେ ଯୁବକ ଅପହରଣ କରିଥିବା ଜଣାପଡିଥିଲା । ପୁଲିସ ଅପହରଣ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ଗତକାଲି ବୈଦ୍ୟନାଥପୁର ଥାନା ଅଞ୍ଚଳରୁ ହିଁ ଅପହୃତା ନାବାଳିକାକୁ ଉଦ୍ଧାର କରି ଅଭିଯୁକ୍ତ ରାଜେଶକୁ କାବୁ କରିଥିଲା । ତଦନ୍ତ ବେଳେ ରାଜେଶ ଉକ୍ତ ନାବାଳିକାକୁ ଦୁଷ୍କର୍ମ କରିଥିବା ଜଣାପଡିଥିଲା । ପୀଡ଼ିତାଙ୍କ ବୟାନକୁ ଆଧାର କରି ପୁଲିସ ରବିବାର ରାଜେଶକୁ କୋର୍ଟଚାଲାଣ କରାଯାଇଥିବା ଲାଞ୍ଜିପଲ୍ଲୀ ଫାଣ୍ଡି ଅଧିକାରୀ ତଥା ଏସ୍‌ଆଇ ରଞ୍ଜିତ ମହାପାତ୍ର ସୂଚନା ଦେଇଛନ୍ତି ।

୬୪ତମ 'ସାହାଣୀ କପ୍' ଫୁଟ୍‌ବଲ୍ ଚାମ୍ପିଅନ୍‌ସିପ୍

# ନବରଙ୍ଗପୁର ଓ ଭୁବନେଶ୍ୱର ବିଜୟୀ

ବ୍ରହ୍ମପୁର,୨୦ା୭ (ସମିସ)



ଗଞ୍ଜାମ ଜିଲ୍ଲା ଫୁଟବଲ ସଂଘ ଆନୁକୂଲ୍ୟରେ ସ୍ଥାନୀୟ ମହାତ୍ମା ଗାନ୍ଧୀ ଷ୍ଟାଡିୟମରେ ଆୟୋଜିତ ୬୪ତମ ପୁରୁଷ ବରିଷ୍ଠ ବର୍ଗ ଫୁଟବଲ ଚାମ୍ପିଅନ୍‌ସିପ 'ସାହାଣୀ କପ୍'-୨୦୨୫ର ରବିବାର ଦୁଇଟି ମ୍ୟାଚ ଅନୁଷ୍ଠିତ ହୋଇଯାଇଛି । ବ୍ରହ୍ମପୁର ଜୋନର ୫ମ ଦିବସରେ ପ୍ରଥମ ମ୍ୟାଚ ଗଞ୍ଜାମ ଓ ନବରଙ୍ଗପୁର ମଧ୍ୟରେ ହୋଇଥିଲା । ଏହି ସଂଘର୍ଷପୂର୍ଣ୍ଣ ମ୍ୟାଚରେ ନବରଙ୍ଗପୁର ୨-୧ ବିଜୟ ହାସଲ କରିଥିଲା । ଏହି ମ୍ୟାଚରେ ରେଫେରୀ ଭାବେ ଶିବଶଙ୍କର ପଣ୍ଡା, ଶିବ ପ୍ରସାଦ ସାମନ୍ତରା, ଶିବ ଦେହୁରୀ ଓ ସୁନୀଲ ବେହେରା ଖେଳ ପରିଚାଳନା କରିଥିଲେ ।

ଦ୍ୱିତୀୟ ମ୍ୟାଚ ଗଜପତି ଓ ଭୁବନେଶ୍ୱର ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଶକ୍ତିଶାଳୀ ଭୁବନେଶ୍ୱର ଦଳ ପ୍ରତିପକ୍ଷ ଗଜପତିକୁ ୩-୨ରେ ପରାସ୍ତ କରିଥିଲା । ଦ୍ୱିତୀୟ ମ୍ୟାଚରେ ରେଫେରୀ ଭାବେ ବଳରାମ ସାଏ, ସୁଜିତ ରାଜହଂସ, ଭିନସେଣ୍ଟ ଦାସ ଓ ରଂଜିତ କୁମାର ପାତ୍ର ମ୍ୟାଚ ପରିଚାଳନା କରିଥିଲେ । ଉଭୟ ମ୍ୟାଚର କମିଶନର ଭାବେ ସୁଜିତ କୁମାର ପାତ୍ର ଦାୟିତ୍ୱ ନିର୍ବାହ କରିଥିଲେ ।

ରବିବାର ଖେଳାଯାଇଥିବା ପ୍ରଥମ ମ୍ୟାଚରେ ଅତିଥିଭାବେ ରୋଟାରୀ କ୍ଲବ ବ୍ରହ୍ମପୁରର ନିର୍ଦ୍ଦେଶକ କେଭିଜି ରବି କୁମାର ଓ ପୂର୍ବତନ ଫୁଟବଲ ଖେଳାଳୀ ଜେବି ପିଟର ଯୋଗ ଦେଇଥିଲେ । ସେହିଭଳି ଦ୍ୱିତୀୟ ମ୍ୟାଚରେ ଗଞ୍ଜାମ ଜିଲ୍ଲା କ୍ରୀଡ଼ା ସଂଘର କର୍ମକର୍ତ୍ତା ସଦସ୍ୟ ରାଜେନ୍ଦ୍ର ଗନ୍ତାୟତ ଅତିଥି ଭାବେ ଯୋଗ ଦେଇଥିଲେ । ୨୧ତାରିଖ ସୋମବାର ଟୁର୍ଣ୍ଣାମେଣ୍ଟର ୬ଷ୍ଠ ଦିବସ ଅର୍ଥାତ୍ ଲିଗର ଶେଷ ପର୍ଯ୍ୟାୟରେ ଦୁଇଟି ମ୍ୟାଚ ଖେଳାଯିବ । ପ୍ରଥମ ମ୍ୟାଚ କୋରାପୁଟ ବନାମ ରାୟଗଡା ଏବଂ ଦ୍ୱିତୀୟ ମ୍ୟାଚ ମାଲକାନଗିରି ବନାମ ମୟୁରଭଞ୍ଜ ମଧ୍ୟରେ ଖେଳାଯିବ ବୋଲି ଗଞ୍ଜାମ ଜିଲ୍ଲା କ୍ରୀଡ଼ା ସଂଘର ସମ୍ପାଦକ ଜେ. କାମେଶ୍ୱର ରାଓ ସୂଚନା ଦେଇଛନ୍ତି । ଆସନ୍ତା ୨୩ତାରିଖରେ ହେବାକୁ ଥିବା ଟୁର୍ଣ୍ଣାମେଣ୍ଟର କ୍ୱାର୍ଟର ଫାଇନାଲକୁ କୋରାପୁଟ ଓ ଭୁବନେଶ୍ୱର ଗୋଲ ଓ ପଏଣ୍ଟ ଆଧାରରେ ଉନ୍ନିତ ହୋଇସାରିଥିବା ବେଳେ କେବଳ ଔପଚାରିକ ଘୋଷଣା ବାକିଥିବା ମ୍ୟାଚ କମିଶନର ସୁଜିତ କୁମାର ପାତ୍ରଙ୍କ ଠାରୁ ସୂଚନା ମିଳିଛି ।

- ଆଜି କୋରାପୁଟ-ରାୟଗଡ଼ା, ମାଲକାନଗିରି-ମୟୁରଭଞ୍ଜ ଶେଷ ଲିଗ୍ ମ୍ୟାଚ୍
- ବ୍ରହ୍ମପୁର ଜୋନରୁ କ୍ୱାର୍ଟର ଫାଇନାଲରେ କୋରାପୁଟ ଓ ଭୁବନେଶ୍ୱର

## ସ୍ୱାସ୍ଥ୍ୟ ସଦନ ପକ୍ଷରୁ ରାଜ୍ୟସ୍ତରୀୟ ଥାଇରଏଡ୍ ସମ୍ମିଳନୀ

ବ୍ରହ୍ମପୁର,୨୦ା୭ (ସମିସ)

ଏମକେସିଜି ମେଡ଼ିକାଲ କଲେଜ ଓ ହସ୍ପିଟାଲ ପରିସରରେ ଥିବା ଆଇଏମ୍‌ଏ ହଲରେ ସ୍ୱାସ୍ଥ୍ୟ ସଦନ ପକ୍ଷରୁ ଥାଇରଏଡ୍ ବ୍ୟାଧିକୁ ନେଇ ଏକ ରାଜ୍ୟସ୍ତରୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଛି । ସମ୍ମିଳନୀ ସ୍ୱାସ୍ଥ୍ୟ ସଦନର ପରାମର୍ଶଦାତା ଏଣ୍ଡୋକ୍ରାଇନୋଲୋଜିଷ୍ଟ ଡାକ୍ତର ସୁନୀଲ କୁମାର କୋଟାଙ୍କ ତତ୍ତ୍ୱାବଧାନରେ ଆଇଏସ୍‌ଏ (ଇଣ୍ଡିଆନ୍ ମେଡିକାଲ୍ ଆସୋସିଏସନ୍) ସହଯୋଗରେ ଆୟୋଜିତ ହୋଇଛି । ମୁଖ୍ୟ ଅତିଥି ଭାବେ ଏମକେସିଜି ମେଡ଼ିକାଲ ଅଧୀକ୍ଷକ ପ୍ରଫେସର ଡ଼ା. ଦୁର୍ଗା ମାଧବ ଶତପଥୀ ଯୋଗ ଦେଇଥିବା ବେଳେ ସମ୍ମାନୀତ ଅତିଥି ଭାବେ ଆଇଏସ୍‌ଏ ବ୍ରହ୍ମପୁରର ସଭାପତି ଡା. ପିକେ କର, ସଚିବ ଡା. କେ.କେ ପାଣିଗ୍ରାହୀ, ବରିଷ୍ଠ ଭେଷଜ ପ୍ରଫେସର ଡା. ଲଳିତ କୁମାର ମେହେର, ଏବଂ ଡା. ଅଯୋଧ୍ୟା ନାଥ ପାଢ଼ୀ ଯୋଗଦେଇ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ । ଭାରତ ସମେତ ସାରା ବିଶ୍ୱରେ ଥାଇରଏଡ୍ ରୋଗର ପ୍ରାଦୁର୍ଭାବ ବୃଦ୍ଧି ପାଉଥିବା ଅତିଥିମାନେ ନିଜ ମତ ରଖିଛନ୍ତି । ଥାଇରଏଡ୍ ଗ୍ରନ୍ଥି ଶରୀରରେ ଏକ ବ୍ୟାଟେରି ଭଳି କାମ କରିଥାଏ, ଯାହା ବିଭିନ୍ନ ଅଙ୍ଗକୁ ଶକ୍ତି ଯୋଗାଇଥାଏ । ଥାଇରଏଡ୍ ରୋଗ ବୟସ, ଲିଙ୍ଗ ନିର୍ବିଶେଷରେ ଲୋକଙ୍କୁ ପ୍ରଭାବିତ କରିଥାଏ ଏବଂ ଶରୀରର ଅନେକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଯଥା ହୃଦୟ, ମସ୍ତିଷ୍କ, ବୃକକ୍, ହାଡ଼, ଅନ୍ନନଳୀ, ପ୍ରଜନନ ଅଙ୍ଗ ଉପରେ କୁପ୍ରଭାବ ପକାଇଥାଏ ବୋଲି ଏଠାରେ କୁହାଯାଇଥିଲା । ତେଣୁ ଥାଇରଏଡ୍ ରୋଗୀମାନେ ସଠିକ ସମୟରେ ଡ଼ାକ୍ତରଙ୍କ ପରାମର୍ଶ ନେବା ସହ ଉପଯୁକ୍ତ ଚିକିତ୍ସା କରିବାକୁ କୁହାଯାଇଥିଲା । ସମଗ୍ର ଓଡ଼ିଶାର ବିଭିନ୍ନ ମେଡିକାଲ ବିଭାଗର ବିଶେଷଜ୍ଞମାନଙ୍କ ଦ୍ୱାରା ଥାଇରଏଡ୍ ରୋଗ ଏବଂ ଏହାର ପରିଚାଳନା ଭିତ୍ତିକ ବିଭିନ୍ନ ଦିଗ ଉପରେ ମୋଟ ୨୬ଟି ଆଲୋଚନା କରାଯାଇଛି । ସମ୍ମିଳନୀରେ ଡା. କୋଟା ଓ ଡା. ନିହାର ରଞ୍ଜନ ସାହୁ ବୈଜ୍ଞାନିକ ସଚିବ ଭାବେ ବୈଜ୍ଞାନିକ ପାଠ୍ୟକ୍ରମ ପ୍ରସ୍ତୁତ କରିଥିଲେ । କାର୍ଯ୍ୟକ୍ରମର ଶେଷରେ ଓଡ଼ିଶା ମେଡିକାଲ ପଞ୍ଜିକରଣ ପରିଷଦ ଦ୍ୱାରା ଅନୁମୋଦିତ ୪କ୍ରେଡିଟ୍ ଘଣ୍ଟା ଉଲ୍ଲେଖ କରି ସ୍ୱାସ୍ଥ୍ୟ ସଦନ ଦ୍ୱାରା ଅଂଶଗ୍ରହଣର ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା । ଦିନିକିଆ କାର୍ଯ୍ୟକ୍ରମରେ ଡା. ଆନନ୍ଦ ଶାସ୍ତ୍ରୀ, ଡା. ବଦ୍ରି ଦଣ୍ଡପାଣି, ଡା. ପରେଶ ମହାନ୍ତି, ଡା. ଗୋପାଳ ପାତ୍ର, ଡା. ଜିତେନ୍ଦ୍ର ପାଣିଗ୍ରାହି, ଡା. ଟିକିନା ବେହେରା, ଡା. ମିନାକ୍ଷୀ ମୁନି, ଡା. ଗୌରହରି ଓ ଡା. ଅର୍ପିତାଙ୍କୁ ବିଭିନ୍ନ ବିଭାଗର ବହୁ ଡାକ୍ତର ଉପସ୍ଥିତ ଥିଲେ ।



## ନିର୍ମାଣର ୩ ମାସ ନପୂରୁଣୁ ପିଚୁ ଉଠିଲା

# କଟାକନ୍ଧୁଲି-କାଣୀପେନୁ ଡ୍ୟାମ୍ ରାସ୍ତା ଶୋଚନୀୟ

ଫିରିଙ୍ଗିଆ, ୨୦।୭ (ସମିସ)



ଫିରିଙ୍ଗିଆ ବ୍ଲକରେ ରାସ୍ତା ନିର୍ମାଣ ବାବଦକୁ ବିଭିନ୍ନ ଯୋଜନା ମାଧ୍ୟମରେ କୋଟି କୋଟି ଟଙ୍କା ଆସୁଛି। କିନ୍ତୁ ଠିକାଦାର, ବିଭାଗୀୟ ଯନ୍ତ୍ରୀ, ଅଧିକାରୀଙ୍କ ମଧୁଚନ୍ଦ୍ରିକା ଯୋଗୁଁ ରାସ୍ତା ନିର୍ମାଣ ପରେ କେଉଁଠି ପିଚୁ ଉଠି ଯାଉଛି ତ କେଉଁଠି ରାସ୍ତା ନିର୍ମାଣର ଦିନ କେତେଟା ପରେ ନିମ୍ନମାନର କାର୍ଯ୍ୟ ଯୋଗୁଁ ରାସ୍ତା ଫାଟି ଆଁ ହୋଇଯାଉଛି। ଏମିତି ଏକ ପିଚୁ ରାସ୍ତା ହେଉଛି କ୍ଷୁଦ୍ର ଜଳସେଚନ, ଫୁଲବାଣୀ ଦ୍ୱାରା ନିର୍ମାଣ ଫିରିଙ୍ଗିଆ ବ୍ଲକ ରତଙ୍ଗ ପଞ୍ଚାୟତର କଟାକନ୍ଧୁଲି ଠାରୁ କାଣୀପେନୁ ଡ୍ୟାମ ଦେଇ ଯାଇଥିବା ପ୍ରାୟ ୧ କିଲୋମିଟର ରାସ୍ତା। ଏହି ରାସ୍ତା କିଛିଦିନ ପୂର୍ବେ ଲକ୍ଷାଧିକ ଟଙ୍କା ବ୍ୟୟରେ ନିର୍ମାଣ କରାଯାଇଥିଲେ ମଧ୍ୟ ରାସ୍ତା କାମର ଫଳକ ଆଜି ପର୍ଯ୍ୟନ୍ତ ଲାଗୁନାହିଁ। ଫଳରେ ପ୍ରକୃତରେ କେତେ ଟଙ୍କାରେ କାମ ହୋଇଛି ତାହା ମଧ୍ୟ ଜଣାପଡୁନାହିଁ। ରାସ୍ତାରେ ନିମ୍ନମାନର ମେଟାଲ ବିଛାଯାଇଛି। କେବଳ ନାମକୁ ମାତ୍ର ଉପରେ ଉପରେ ପତଳା କରି ମେଟାଲ ପକାଇ ତା' ଉପରେ ମରମ ମାଟି ବିଛାଯାଇ ଅଳ୍ପ ପିଚୁ ପକାଇ ଠିକାଦାର କାମ ସାରିଦେଇଥିଲେ। ଏମିତି କି ଠିକାଦାର ଠିକ ଭାବରେ ରୋଲର ମଧ୍ୟ ଚପାଇ ନଥିବାରୁ ତିନି ମାସ ନ ପୁରୁଣୁ ରାସ୍ତା ଉପରୁ ପିଚୁ ଉଠିଯାଉଛି। ଅଧିକାଂଶ ସ୍ଥାନରେ ରାସ୍ତା ଦବି ଯାଇ ଖୋଳି ହୋଇ ଯାତାୟତରେ ବିପଦ ସାଜୁଛି। ନିମ୍ନ ମାନର କାର୍ଯ୍ୟ ଯୋଗୁଁ ଯାତାୟାତରେ ସମସ୍ୟା ସୃଷ୍ଟି ହେଉଛି। ପୂର୍ବରୁ ନିମ୍ନମାନର କାମ ହୋଇଥିବା ନେଇ ଅଞ୍ଚଳବାସୀ ଅଭିଯୋଗ କରିଥିଲେ ମଧ୍ୟ ଦାୟିତ୍ୱରେ ଥିବା ଯନ୍ତ୍ରୀ କି ଭବାନୀପାଟଣା ଅଞ୍ଚଳର ଠିକାଦାର ଗୁରତ୍ୱ ଦେଇନଥିଲେ। ବର୍ତ୍ତମାନ ରାସ୍ତା ଅଳ୍ପ ଦିନରେ ନଷ୍ଟ ହୋଇଥିବାରୁ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି। ଜନସାଧାରଣ ଏହି ରାସ୍ତାରେ ମୋଟା ଅଙ୍କରେ ପିସି କାରବାର ହୋଇଥିବା ଅଭିଯୋଗ କରିଥିବା ବେଳେ କାମର ତଦନ୍ତ

**ନିମ୍ନମାନର କାମ; ଭିଜିଲାନ୍ସ ତଦନ୍ତ ଦାବି କଲେ ଅଞ୍ଚଳବାସୀ**

କରି ଯନ୍ତ୍ରୀ ଓ ଠିକାଦାର ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ କାର୍ଯ୍ୟର ଭିଜିଲାନ୍ସ ତଦନ୍ତ କରିବାକୁ ଦାବି କରିଛନ୍ତି। ଆବଶ୍ୟକ ପଡ଼ିଲେ ରାସ୍ତା ଅବରୋଧ ସହ ଆନ୍ଦୋଳନ କରାଯିବ ବୋଲି କିଛି ଯୁବକ କହିଛନ୍ତି। ଏସମ୍ପର୍କରେ କେହି ଅଧିକାରୀ କିଛି କହୁନାହାନ୍ତି।

# ଘଣ୍ଟାଏ ବର୍ଷାରେ ରାୟଗଡ଼ ବେହାଲ୍



**ରାୟଗଡ଼, ୨୦।୭ (ସମିସ):** ଗଜପତି ଜିଲ୍ଲା ରାୟଗଡ଼ ବ୍ଲକ ସଦର ମହକୁମାରେ ରବିବାର ଅପରାହ୍ନରେ ଘଣ୍ଟାଏ ବର୍ଷାରେ ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ବିଭିନ୍ନ ସାହିରେ ଡ୍ରେନ ସବୁ ପୋତି ହୋଇ ଯାଇଥିବାରୁ ମୁଖ୍ୟ ରାସ୍ତା ଉପରେ ଆଣ୍ଠୁଏ ପାଣି ଓ କୁଡ଼ କୁଡ଼ ଅଳିଆ ଆବର୍ଜନା ଭାସି ଆସି ଲୋକଙ୍କ ଘରେ ପଶିଯାଇଥିଲା। ଏପରିକି ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଥିବା ହେଣ୍ଡିଆ ସାହିର ଉପର ମୁଣ୍ଡରେ କେତେକଙ୍କ ଘର ସମ୍ମୁଖରେ ପାଣି ଜମି ନଦୀର ଭ୍ରମ ସୃଷ୍ଟି କରିଥିଲା। ଏଭଳି ପରିସ୍ଥିତିକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି।

ରାୟଗଡ଼ ବ୍ଲକ ସଦର ମହକୁମାରେ ଥିବା ସାହି ଗୁଡିକରେ ଦୀର୍ଘ ବର୍ଷ ହେବ ଡ୍ରେନ୍ ସଫା ହେଉନଥିବାରୁ ଏଭଳି ପରିସ୍ଥିତି ଉପୁଜିଛି ବୋଲି ସାଧାରଣରେ ଅଭିଯୋଗ ହୋଇଛି। ସାମାନ୍ୟ ବର୍ଷାରେ ଅବସ୍ଥା ଶୋଚନୀୟ ହୋଇପଡୁଛି। ମୁଖ୍ୟ ରାସ୍ତା, ବଜାର ଛକ, ବିଶୋୟୀ ସାହି, ଓଡ଼ିଆ ସାହି, ବଢ଼େଇ ସାହି, ଖ୍ରୀଷ୍ଟିଆନ ସାହି ଆଦି ସାହିରେ ଡ୍ରେନେଜ୍ ସଫା ନହୋଇ ପୋତି ହୋଇଯାଇଛି। ଫଳରେ ଡ୍ରେନ ପାଣି ଅସରାଏ ବର୍ଷାରେ ଘରେ ପଶୁଛି। ବ୍ଲକ ସଦର ମହକୁମା ହୋଇଥିବାରୁ ବିଭାଗୀୟ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ଦାବି ହେଉଛି। ଏନେଇ ପିଇଓ ସନ୍ତୋଷ କୁମାର ସାହୁଙ୍କ ସହ ଯୋଗାଯୋଗ କରାଯିବାରୁ ତୁରନ୍ତ ଏହା ଉପରେ ପଦକ୍ଷେପ ନେଇ ରାୟଗଡ଼ର ପରିମଳ ବ୍ୟବସ୍ଥା ଉପରେ କିପରି ସୁଧାର ଅଣାଯାଇପାରିବ ସେ ନେଇ କାର୍ଯ୍ୟ କରାଯିବ ବୋଲି କହିଛନ୍ତି।

## ସାରଙ୍ଗଗଡ଼ ମହାବିଦ୍ୟାଳୟରେ ଆଇସିସି କମିଟି ବୈଠକ



**ଜି.ଉଦୟଗିରି, ୨୦।୭ (ସମିସ):** ପରିପ୍ରେକ୍ଷୀରେ ସାରଙ୍ଗଗଡ଼ ମହାବିଦ୍ୟାଳୟର ଆଭ୍ୟନ୍ତରୀଣ ଅଭିଯୋଗ କମିଟି ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ମହାବିଦ୍ୟାଳୟର ଅଧ୍ୟକ୍ଷ କମିଟିର ସମସ୍ତ ସଭ୍ୟସଭ୍ୟାଙ୍କୁ ସ୍ୱାଗତ କରିବା ସହିତ କାର୍ଯ୍ୟକାରିତା ବିଷୟରେ ଆଲୋଚନା କରିଥିଲେ। ସ୍ୱାତୀ ଅନୁଷ୍ଠାନର ସଂଯୋଜିକା ସୁସ୍ମିତା ଜେନା ସଭ୍ୟା ଭାବେ ଉପସ୍ଥିତ ରହି କମିଟିର ଭୂମିକାକୁ କିପରି ଉପଯୋଗୀ କରିହେବ ସେ ବିଷୟରେ ବୁଝାଇଥିଲେ। ଆଗାମୀ ଦିନରେ ଏହି କମିଟିକୁ ସୁଦୃଢ଼ କରିବାକୁ ଅଧ୍ୟକ୍ଷ ସମସ୍ତ ବିଭାଗର ଅଧିକାରୀଙ୍କୁ ଅନୁରୋଧ କରିଥିଲେ।

# ଏସ୍‌କେସିଜି କଲେଜ ଛାତ୍ର ରକ୍ତ କର୍କଟରେ ପୀଡ଼ିତ

**ପାରଳାଖେମୁଣ୍ଡି, ୨୦।୭ (ସମିସ):** ପାରଳାଖେମୁଣ୍ଡିସ୍ଥିତ ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ସ୍ୱୟଂଶାସିତ ମହାବିଦ୍ୟାଳୟ ରାଜନୀତି ବିଜ୍ଞାନ ସ୍ନାତକୋତ୍ତର ଦ୍ୱିତୀୟ ବର୍ଷ ଛାତ୍ର

**ସହାୟତା ପାଇଁ ସହପାଠୀଙ୍କ ଅନୁରୋଧ**

୨୩ ବର୍ଷୀୟ ବେଲାଲ୍‌ସେନ ନାଏକ ରକ୍ତ କର୍କଟରେ ଆକ୍ରାନ୍ତ ହୋଇ ବଞ୍ଚିବା ପାଇଁ ସଂଘର୍ଷ କରୁଛନ୍ତି। ଚିକିତ୍ସା ପାଇଁ ଆର୍ଥିକ ସହାୟତା କରିବାକୁ ନିବେଦନ କରିଛନ୍ତି। ସହପାଠୀ ଏଥିପାଇଁ ମହାବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକା ଓ ଛାତ୍ରଛାତ୍ରୀଙ୍କୁ ସହାୟତା କରିବା ପାଇଁ ଗୁହାରି କରିଛନ୍ତି।



ପାଠ ପଢ଼ା ବୟସରେ ଜୀବନ ମରଣ ଲଢେଇ କରୁଛନ୍ତି ଛାତ୍ର ଜଣକ। ନିଜର ଜୀବନ ବଞ୍ଚାଇବା ପାଇଁ ନିଜେ ଆପ୍ରାଣ ଉଦ୍ୟମ କରୁଥିବା ବେଳେ ଚିକିତ୍ସାରେ ଅର୍ଥ ସାଜିଛି ବାଧକ। ଆୟୁଷ୍ମାନ ସ୍ୱାସ୍ଥ୍ୟକାର୍ଡରେ ବେଲାରସନଙ୍କ ଚିକିତ୍ସା ଆରମ୍ଭ ହୋଇଥିଲା। କିନ୍ତୁ କାର୍ଡରେ ନିର୍ଦ୍ଧାରିତ ଅର୍ଥ ସରିଯିବାରୁ ଏବେ ଚିକିତ୍ସା ପାଇଁ ଅର୍ଥ ବାଧକ ସାଜିଛି। ଏବେ ମାଆ ବାପା ତଥା ପରିବାରଙ୍କ ପାଖରେ କୌଣସି ସମ୍ବଳ ନଥିବା ବେଳେ ଆର୍ଥିକ ସାହାଯ୍ୟ କରିବାକୁ ନିବେଦନ କରାଯାଉଛି। ଏହି ସମୟରେ ନିଜ ସହପାଠୀ ଆଗକୁ ଆସି ଜନସାଧାରଣ ଓ ସରକାରଙ୍କୁ ଆର୍ଥିକ ସହାୟତା ପାଇଁ ଅନୁରୋଧ କରିଛନ୍ତି। ସୂଚନାଯୋଗ୍ୟ ଯେ ବେଲାଲସେନ ରାୟଗଡ଼ା ଜିଲ୍ଲା କାଶୀପୁର ଥାନା ଅନ୍ତର୍ଗତ ବଡମାରିଭଟା ଗ୍ରାମର ମୂଳବାସୀନ୍ଦା ହୋଇଥିବା ବେଳେ ପାରଳାଖେମୁଣ୍ଡି ସହରର ଏସକେସିଜି ସ୍ୱୟଂଶାସିତ ମହାବିଦ୍ୟାଳୟରେ ଅଧ୍ୟୟନ କରୁଛନ୍ତି।

## ବରିଷ୍ଠ ବିଜେଡି କର୍ମୀଙ୍କ ପରଲୋକ



**ଚକାପାଦ, ୨୦।୭ (ସମିସ):** ଚକାପାଦ ବ୍ଲକ ଶଙ୍କରାଖୋଲର ବିଜୁ ଜନତା ଦଳର ବରିଷ୍ଠ କର୍ମୀ ଭଞ୍ଜ କିଶୋର ପ୍ରଧାନଙ୍କ ପରଲୋକ ହୋଇଛି। ସେ ଜଣେ ଜଣାଶୁଣା ଫୁଟବଲ ଓ ଭଲିବଲ ରେଫରି ଥିଲେ। କିଛିଦିନ ହେବ ସେ ଅସୁସ୍ଥ ଥିବାବେଳେ ଆଜି ହଠାତ ମୃତ୍ୟୁ ହୋଇଛି। ତାଙ୍କ ପରଲୋକରେ ବିଜେଡିର ବହୁ ନେତା ଓ କର୍ମୀ ଶୋକ ପ୍ରକାଶ କରିଛନ୍ତି।

## ଧାନ ସଂଗ୍ରହ ନିମନ୍ତେ ଚାଷୀ ପଞ୍ଜୀକରଣ



**ଗୋଷାଣି, ୨୦।୭ (ସମିସ):** ଗଜପତି ଜିଲ୍ଲା ଗୋଷାଣି ବ୍ଲକ କେରାଣ୍ଡି ପଞ୍ଚାୟତ ଅନ୍ତର୍ଗତ ନୂଆକେରାଣ୍ଡିରେ ଥିବା ରାମ ଲିଙ୍ଗେଶ୍ୱର ପ୍ରାଥମିକ କୃଷି ସମବାୟ ସମିତି ପକ୍ଷରୁ ଖରିଫ ଧାନ କ୍ରୟ ପାଇଁ ଚାଷୀ ପଞ୍ଜୀକରଣ ଆରମ୍ଭ ହୋଇଛି। ଜୁଲାଇ ୧୯ରୁ ଚାଷୀ ପଞ୍ଜୀକରଣ ଆରମ୍ଭ ହୋଇ ୨୫ ଅଗଷ୍ଟ ମଧ୍ୟରେ ରାମ ସମିତିରେ ଆବେଦନ କରିହେବ। ଚାଷୀ ପଞ୍ଜୀକରଣ ନିମନ୍ତେ ନିଜର ଆବଶ୍ୟକ କାଗଜପତ୍ର ବ୍ୟାଙ୍କ ପାସ୍‌ବୁକର ପ୍ରଥମ ପୃଷ୍ଠା, ଆଧାର କାର୍ଡ, ଜମିପଟ୍ଟା, ଜମି ପ୍ରମାଣପତ୍ରର ନକଲ ସହିତ ମୋବାଇଲ ନମ୍ବର ଆବଶ୍ୟକ ବୋଲି ରାମ ଲିଙ୍ଗେଶ୍ୱର ସମବାୟ ସମିତିର ସମ୍ପାଦକ ଇ. ରାମ ପ୍ରସାଦ ସୂଚନା ଦେଇଛନ୍ତି।

## ମେଧାବୀ ଛାତ୍ରଙ୍କୁ ପୁରସ୍କାର ପ୍ରଦାନ କଲେ ପୁରାତନ ଛାତ୍ର



**ପାରଳାଖେମୁଣ୍ଡି, ୨୦।୭ (ସମିସ):** ଗଜପତି ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡି ସ୍ଥିତ ମହାରାଜାଙ୍କ ବାଳକ ଉଚ୍ଚ ବିଦ୍ୟାଳୟରେ ପୁରାତନ ଛାତ୍ରଙ୍କ ଦ୍ୱାରା କୃତୀ ଛାତ୍ରଙ୍କୁ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ପରିବେଶ ସୁରକ୍ଷା କ୍ଷେତ୍ରରେ ୩ ଜଣଙ୍କୁ, ଶିକ୍ଷା କ୍ଷେତ୍ରରେ ଭଲ ନମ୍ବର ରଖିଥିବା ମେଧାବୀ ୪ ଜଣ ଓ ବିଜ୍ଞାନ କ୍ଷେତ୍ରରେ ୩ ଜଣଙ୍କୁ ଏଭଳି ଭାବରେ ମୋଟ ୧୦ ଜଣ ଛାତ୍ରଙ୍କୁ ଆର୍ଥିକ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ସହାୟତା ରାଶି ପୁରାତନ ଛାତ୍ର ରାଜନ ପାଢ଼ୀ ଓ ବୈଜ୍ଞାନିକ ଏନ୍. କ୍ରୀଷ୍ଣା ଓ ଜଣେ ପ୍ରାକ୍ତନ ପ୍ରଧାନ ଶିକ୍ଷକ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀଙ୍କ ସମେତ ଶିକ୍ଷକ/ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ।

# ପ୍ରେସ୍‌କ୍ଲବର ସାଧାରଣ ବୈଠକ

**ଜି.ଉଦୟଗିରି, ୨୦।୭ (ସମିସ):** ଜି.ଉଦୟଗିରି ପୂର୍ତ୍ତବିଭାଗ ଡାକବଙ୍ଗଳାରେ ଜି.ଉଦୟଗିରି ପ୍ରେସକ୍ଲବ ସଭାପତି



ରାମକୃଷ୍ଣ ଚୌଧୁରୀଙ୍କ ଅଧ୍ୟକ୍ଷତାରେ ଆଜି ସାଧାରଣ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକ ଆରମ୍ଭରେ ମାଲକାନଗିରିର ମୃତ ୱେବ ସାମ୍ବାଦିକ ଏସ.ନରେଶଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ପରେ ପ୍ରେସକ୍ଲବର ନିଜସ୍ୱ ଗୃହ ନିର୍ମାଣ, ବିଭିନ୍ନ ସମସ୍ୟା ସାଙ୍ଗକୁ ସାଙ୍ଗଠନିକ ସୁଦୃଢ ଉପରେ ଆଲୋଚନା ହୋଇଥିବା ବେଳେ ଶ୍ରୀନରେଶଙ୍କୁ ହତ୍ୟା କରିଥିବା ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ସାମ୍ବାଦିକଙ୍କ ସୁରକ୍ଷା ନେଇ ସରକାର ଆଇନ ଆଣିବାକୁ ଅନୁରୋଧ କରାଯାଇଥିଲା। ଏଥିସହିତ ଆସନ୍ତା ସ୍ୱାଧୀନତା ଦିବସ ପାଳନ ନେଇ ମଧ୍ୟ ଆଲୋଚନା କରାଯାଇଥିଲା। ବୈଠକରେ ଉପ ସଭାପତି ପ୍ରସନ୍ନ କୁମାର ମିଶ୍ର, ସମ୍ପାଦକ ଅନୀଲ ଦଳବେହେରା, ସହସମ୍ପାଦକ ସୁଜିତ କୁମାର ସାହୁ, ପତିତପାବନ ସାହୁ, ଦେବନାଥ ଦଳବେହେରା, ସମୀର କୁମାର ପାଢ଼ୀ, ପ୍ରତାପ ଚନ୍ଦ୍ର ପାଢ଼ୀ, ବଟକୃଷ୍ଣ ଦାସ, ଅରୁଣ କୁମାର ଷଡ଼ଙ୍ଗୀ, ଚିନ୍ମୟ ସେଠୀ, ଅବନୀ ପ୍ରଧାନ, ଦୁର୍ଗାମାଧବ ପଟ୍ଟନାୟକ ଉପସ୍ଥିତ ଥିଲେ। ବୈଠକ ଆରମ୍ଭରେ ସମ୍ପାଦକ ପୂର୍ବ ବିବରଣୀ ପାଠ କରାଯାଇଥିଲା। ଶେଷରେ ସଭ୍ୟ ଏନ.ରାଜା ରାଓ ଧନ୍ୟବାଦ ଅର୍ପଣ କରିଥିଲେ।

## ସୁଭଦ୍ରା ଶକ୍ତି କାଫେ ଉଦ୍‌ଘାଟିତ



**ମୋହନା, ୨୦।୭ (ସମିସ):** ଗଜପତି ଜିଲ୍ଲା ମୋହନା ବ୍ଲକ କାର୍ଯ୍ୟାଳୟ ଆଗରେ ନୂତନ ଭାବେ ନିର୍ମାଣ ହୋଇଥିବା ସୁଭଦ୍ରା ଶକ୍ତି କାଫେ ଉଦଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ମୋହନା ବିଧାୟକ ଦାଶରଥି ଗମାଙ୍ଗ ଯୋଗଦେଇ ଏହାକୁ ଉଦଘାଟନ କରିଛନ୍ତି। ଏହି କାଫେକୁ ମୋହନାର ମହିଳା ଗୋଷ୍ଠୀ ପରିଚାଳନା କରୁଛନ୍ତି। ଉଦଘାଟନ କାର୍ଯ୍ୟକ୍ରମରେ ମୋହନା ବ୍ଲକ ଅଧ୍ୟକ୍ଷ ରଞ୍ଜିବ ଶବର, ଉପାଧ୍ୟକ୍ଷ ବାଲ୍ମିନ ଅଧିକାରୀ, ବିଡ଼ିଓ ରାଜିବ ଦାସ, ଏବିଡ଼ିଓ ରମାକାନ୍ତ ଚୌଧୁରୀ, ଜିଲ୍ଲା ପରିଷଦ ସଭ୍ୟ ସୁନିଲ ବିଷୋୟୀ, ସାଂସଦ ପ୍ରତିନିଧି ଜୀତେନ୍ଦ୍ର ବେହେରା, ସମସ୍ତ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ, ସଭ୍ୟା ଓ ବିଭିନ୍ନ ବିଭାଗର ଅଧିକାରୀ ଯୋଗ ଦେଇଥିଲେ।

# ବର୍ଷାରେ ବିଦ୍ୟାଳୟ ରାସ୍ତା ଶୋଚନୀୟ

## କାଦୁଅ ସରସର ହୋଇ ଯାଉଛନ୍ତି ଛାତ୍ରଛାତ୍ରୀ

**ମୋହନା, ୨୦।୭ (ସମିସ):** କାଦରେ ପାଦ ଥାପି ଥାପି ସ୍କୁଲ ଯାଉଛନ୍ତି ଛାତ୍ର ଛାତ୍ରୀ। ଗଜପତି ଜିଲ୍ଲା ମୋହନା ବ୍ଲକ ଗରଡ଼ମା ପଞ୍ଚାୟତର ଦୁର୍ଗମ ଗମ୍ପିରି ଗାଁରେ ଏଭଳି ଅଭାନୀୟ ଘଟଣା ଦେଖିବାକୁ ମିଳିଛି। ଗଜପତି ଜିଲ୍ଲାରେ ବର୍ଷା ଦୁଇଦିନ ହେଲାଣି ଲାଗିରହିଛି। ପାହାଡିଆ ନାଳ ଗୁଡିକରେ ପାଣି ବି ଭରପୁର ଆସୁଛି। ହେଲେ ଏହାକୁ ଖାତିର ନ କରି ପଚପଚ କାଦୁଅ ଭିତରେ ପଶି କିଛି ଛାତ୍ରଛାତ୍ରୀ ବିଦ୍ୟାଳୟକୁ ଯାଉଛନ୍ତି। ଅତ୍ୟନ୍ତ କଦର୍ଯ୍ୟ ରାସ୍ତାରେ ଗମନାଗମନ କଲାବେଳେ ରାସ୍ତାରେପଡ଼ି ଆହତ ହେଉଛନ୍ତି କୋମଳମତି ଶିଶୁ।

ଅନ୍ୟ ପଟେ ଗମ୍ପିରି ଗାଁ ଗ୍ରାମବାସୀ ପୂର୍ବରୁ ପ୍ରଶାସନ ନିକଟରେ ସମସ୍ୟା ନେଇ ବାରମ୍ବାର ଅଭିଯୋଗ କରୁଥିଲେ ସୁଦ୍ଧା କେହି ଶୁଣୁନାହାନ୍ତି। ଅତିଶୀଘ୍ର ପକ୍କା ରାସ୍ତା ନିର୍ମାଣ ନହେଲେ ଆନ୍ଦୋଳନ କରିବାକୁ ଚେତାବନୀ ଦେଇଛନ୍ତି ଗ୍ରାମବାସୀ। ହେଲେ ଅତିଶୀଘ୍ର ଉକ୍ତ ଗ୍ରାମ ବିଦ୍ୟାଳୟକୁ ସଂଯୋଗ କରୁଥିବା ରାସ୍ତା ନିର୍ମାଣ କରାଯିବ ବୋଲି କହିଛନ୍ତି ଜିଲ୍ଲାପାଳ ବିଜୟ କୁମାର ଦାସ କହିଛନ୍ତି।



## ହାତୀ ଚଲାପଥରେ ଲାଗିଲା ସତର୍କ ସୂଚନା ଫଳକ




**ଜି.ଉଦୟଗିରି, ୨୦।୭ (ସମିସ):** ଦୀର୍ଘମାସ ହେଲା କନ୍ଧମାଳ ଜିଲ୍ଲା ଜି.ଉଦୟଗିରିର ବିଭିନ୍ନ ପଞ୍ଚାୟତରେ ଲାଗିରହିଛି ହାତୀ ଭୟ। ଯାହାକୁ ନେଇ ଅଞ୍ଚଳବାସୀଙ୍କ ନିଦ ହଜିଛି ଓ ଜୀବନ ଜୀବିକା ପ୍ରଭାବିତ ହୋଇଛି। ଜି.ଉଦୟଗିରିରୁ କଳିଙ୍ଗା ଯିବା ରାସ୍ତାର ବିଭିନ୍ନ ସ୍ଥାନରେ ହାତୀ ଯିବା ଆସିବା କରିବା ଦ୍ୱାରା ଲୋକେ ଭୟ କରୁଛନ୍ତି। କେତେକ ସ୍ଥାନରେ ହାତୀ ସହିତ ମୁହାଁମୁହିଁ ଲୋକେ ହେବା ସହ ଜୀବନ ବିକଳରେ ଦୌଡ଼ି ଜୀବନ ରକ୍ଷା କରିଥିବା ସୂଚନା ରହିଛି। ଏଭଳି ସମସ୍ୟା ଯୋଗୁଁ ହାତୀ ଚାଲା ପଥରେ ସତର୍କ ସୂଚନା ଫଳକ ଲଗାଇବୁ ଦାବି ହୋଇଥିଲା। ଯାହାକୁକୁ ନେଇ ଏବେ ଜି.ଉଦୟଗିରି ବନାଞ୍ଚଳ ତରଫରୁ କଳିଙ୍ଗାରୁ ଜି.ଉଦୟଗିରି ରାସ୍ତାର ନଣ୍ଡଗିରି ଏବଂ ରାଇପଦା ନିକଟରେ ହାତୀ ଚଲା ପଥ ସତର୍କ ଫଳକ ଲଗାଯାଇଛି।

**ଅର୍ଦ୍ଧରାତ୍ରରେ ଓଟିଇଟି ପରୀକ୍ଷା ବାତିଲ**

# କେନ୍ଦ୍ରରେ ପହଞ୍ଚି ହଟହଟା ହେଲେ ପରୀକ୍ଷାର୍ଥୀ; ଝାଡ଼ିଲେ ଅସନ୍ତୋଷ

ପାରଳାଖେମୁଣ୍ଡି, ୨୦।୭ (ସମିସ)

ଆଜି ହେବାକୁ ଥିବା ସ୍ୱତନ୍ତ୍ର ଓଟିଇଟି ପରୀକ୍ଷାକୁ ପରବର୍ତ୍ତୀ ବିଜ୍ଞପ୍ତି ପର୍ଯ୍ୟନ୍ତ ସ୍ଥଗିତ ରଖାଯାଇଛି। ପେପର-୧ ଓ ପେପର-୨ର ପରୀକ୍ଷା ସ୍ଥଗିତ ରଖାଯାଇଥିବା ଯୋଗୁଁ ଓଟିଇଟି ପରୀକ୍ଷା ଦେବାକୁ ଆସିଥିବା ଶିକ୍ଷକ/ ଶିକ୍ଷୟିତ୍ରୀ ନିରାଶ ହୋଇ ଫେରିଛନ୍ତି। ସରକାର ଗତକାଲି ବିଳମ୍ବିତ ରାତିରେ ଓଟିଇଟି ପରୀକ୍ଷା ସ୍ଥଗିତ ରଖାଯିବା ନେଇ ଘୋଷଣା କରିଥିଲେ। ଏଥିଯୋଗୁଁ ରାଜ୍ୟର ବହୁ ସ୍ଥାନରେ ପରୀକ୍ଷାର୍ଥୀ ପରୀକ୍ଷା କେନ୍ଦ୍ରରେ ପହଞ୍ଚିବା ପରେ ବାତିଲ ହୋଇଥିବା ଜାଣି ପାରିଥିଲେ। ଏହି କ୍ରମରେ ଗଜପତି ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡି ସହରର ୫ କେନ୍ଦ୍ର ମହାରାଜାଙ୍କ ବାଳକ ଉଚ୍ଚ ବିଦ୍ୟାଳୟ,



ମହାରାଜାଙ୍କ ବାଳିକା ଉଚ୍ଚ ବିଦ୍ୟାଳୟ, ମହେନ୍ଦ୍ରଗିରି ସରକାରୀ ପୌର ଉଚ୍ଚ ବିଦ୍ୟାଳୟ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ବିକାଶ ବିଦ୍ୟାନିକେତନରେ ପରୀକ୍ଷା ଦେବା ପାଇଁ ହଜାରରୁ ଅଧିକ ପରୀକ୍ଷାର୍ଥୀ ପହଞ୍ଚିଥିଲେ। ସେଠାରେ ପରୀକ୍ଷା ସ୍ଥଗିତ ନେଇ କୌଣସି ବିଜ୍ଞପ୍ତି ମରାଯାଇ ନଥିବାର ଦେଖି ପରୀକ୍ଷା ଆରମ୍ଭକୁ ଜଗି ବସିଥିଲେ। ଇତି ମଧ୍ୟରେ କେତେକ କର୍ମଚାରୀ ଆସି ପରୀକ୍ଷା ସ୍ଥଗିତ ରହିଥିବା ନେଇ କାନ୍ଥରେ ନୋଟିସ ମାରିଥିଲେ। ଏହା ଜାଣିବା ପରେ ପରୀକ୍ଷାର୍ଥୀମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ତେବେ ବାତିଲ ହେବାର କିଛି ଘଣ୍ଟା ପରେ ଏହାର ପ୍ରଶ୍ନ ଉତ୍ତର ହାତଲେଖା ନକଲ ମୋବାଇଲକୁ ମୋବାଇଲ ଘୁରି ବୁଲୁଥିବା ଦେଖାଯାଇଥିଲା।

ପ୍ରକାଶ ଯେ, ପରୀକ୍ଷା ପୂର୍ବରୁ ଗତକାଲି ରାତିରେ ପ୍ରଶ୍ନପତ୍ର ଭାଇରାଲ ହୋଇଥିଲା। ସୋସିଆଲ ମିଡିଆରେ ଓଟିଇଟି ପରୀକ୍ଷା ପରୀକ୍ଷାର ପ୍ରଶ୍ନ ସହିତ ଉତ୍ତର ହାତ ଲେଖା ଭାଇରାଲ ହୋଇଥିବା ପୋଷ୍ଟ ହୋଇଥିବାର ଚର୍ଚ୍ଚା ହେଉଥିଲେ ମଧ୍ୟ ତାହା ଏଠାରେ ଦେଖିବାକୁ ମିଳିନି। ସେହି ପ୍ରଶ୍ନପତ୍ର ଓ ଉତ୍ତର କି ନୁହେଁ ତାହା ବୋର୍ଡ ପକ୍ଷରୁ ସ୍ପଷ୍ଟ କରାଯାଇନଥିବା ବେଳେ ବିଳମ୍ବିତ ରାତିରେ ପରୀକ୍ଷାକୁ ସ୍ଥଗିତ ରଖାଯାଇଛି। ଯାହାକୁ ନେଇ ଓଟିଇଟି ପରୀକ୍ଷା ଦେବାପାଇଁ ଆସିଥିବା ପରୀକ୍ଷାର୍ଥୀ ସରକାରଙ୍କ ଏପରି ନିଷ୍ପତ୍ତିକୁ ନେଇ ନାନାଦି ଆଲୋଚନା କରୁଥିବା ବେଳେ ପୁଣି ଏହି ପରୀକ୍ଷା କେବେ ହେବ ବୋଲି ପ୍ରଶ୍ନ କରିଛନ୍ତି। ଆଉକେତେକ କେଉଁଠାରେ ପେପର ଭାଇରାଲ ହେଲା, କିପରି ହେଲା ଆମ୍ଭେ ଜାଣିନୁ ଏବଂ ଏହା ଏକ ଷଡ଼ଯନ୍ତ୍ର ହୋଇଥାଇପାରେ କହିଛନ୍ତି।

## ରେଡ୍ଡୀ ମହାଜନ ସଂଘର ବୈଠକ



ଛତ୍ରପୁର,୨୦ ।୭ (ସମିସ): ଗଞ୍ଜାମ, ପୁରୀ ଓ ଖୋର୍ଦ୍ଧା ଜିଲ୍ଲା ରେଡ୍ଡୀ ମହାଜନ ସଂଘର ଏକ ବୈଠକ ଶୁକ୍ରବାର ସିଦ୍ଧଭୈରବୀ ମନ୍ଦିର, ହରଡ଼ଙ୍ଗ କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି । ସଂଘର ସଭାପତି ସି ଏଚ୍ ଦିଲ୍ଲେଶ୍ୱର ରେଡ଼ିଙ୍କ ଅଧ୍ୟକ୍ଷତାରେ ହୋଇଥିବା ବୈଠକରେ ବିଭିନ୍ନ ବିଷୟରେ ଆଲୋଚନା କରାଯାଇ ଜିଲ୍ଲା ପୁନର୍ଗଠନ, ନୂତନ କମିଟି ଚୟନ ବିଷୟରେ ଆଲୋକପାତ ହୋଇଥିଲା । ଏହି କ୍ରମରେ ଗଞ୍ଜାମ ରେଡ୍ଡୀ ମହାଜନ ସଂଘର ନୂତନ ଜିଲ୍ଲା ସଂପାଦକ ଭାବେ ଏସ୍. କିଶୋର ଚନ୍ଦ୍ର ରେଡ଼ିଙ୍କୁ ସମ୍ମତି ସହିତ ନିଯୁକ୍ତ କରାଯାଇଛି । ବୈଠକରେ ଉପସ୍ଥିତ ଥିବା ସମସ୍ତ ଜୋନ୍ ଓ ତାଲୁକାର ସଭାପତି, ସମ୍ପାଦକ, ଜିଲ୍ଲା ସଭ୍ୟ ଏବଂ ସଂଘର ବିଭିନ୍ନ ଅଧିକାରୀ ଓ ସଦସ୍ୟମାନେ ନୂତନ ସଂପାଦକଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।

## ବୃକ୍ଷରୋପଣ ଏବଂ ଚାରା ବଣ୍ଟନ କାର୍ଯ୍ୟକ୍ରମ



କୋଦଳା,୨୦ ।୭ (ସମିସ): ଗଞ୍ଜାମ ଜିଲ୍ଲା ଋଷିକୂଲ୍ୟା ରୟତ ମହାସଭା ବେଗୁନିଆପଡ଼ା ଶାଖା ପକ୍ଷରୁ ବେଗୁନିଆପଡ଼ା ଥାନା ପରିସରରେ ବୃକ୍ଷରୋପଣ ଏବଂ ଚାରା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଅତିଥି ଭାବେ ଆଡ଼ିସନାଲ ଏସ୍‌ପି ପ୍ରଶାନ୍ତ କୁମାର ଦାସ, ଥାନା ଅଧିକାରୀ ଭଗବାନ ପୂଜାରୀ, ବନ ବିଭାଗ ପକ୍ଷରୁ ନିରାକାର ବେହେରା, ପ୍ରିୟଙ୍କା ପ୍ରିୟଦର୍ଶିନୀ ମଲ୍ଲିକ ପ୍ରମୁଖ ଗଛ ଲଗାଇ ଶୁଭାରମ୍ଭ କରିଥିଲେ ଏବଂ ଛାତ୍ରଛାତ୍ରୀଙ୍କୁ ଚାରା ବଣ୍ଟନ କରିଥିଲେ । ଋଷିକୁଲ୍ୟା ରୟତ ମହାସଭା ବେଗୁନିଆପଡ଼ା ଶାଖା ସମ୍ପାଦକ ଭାସ୍କର ନାୟକଙ୍କ ସଂଯୋଜନାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମରେ ଥାନା ପକ୍ଷରୁ ଟୁନା ପୀଡ଼ିକା, ଲଲାଟେନ୍ଦୁ ଶ୍ରୀଚନ୍ଦନ, ସମ୍ବିତ ଦାସ, ଗୀତିଶ୍ରୀ ଦାସ, ପୂର୍ବତନ ଜିଲ୍ଲାପରିଷଦ ସଦସ୍ୟ ସନ୍ତୋଷ କୁମାର ପାଣିଗ୍ରାହୀ ସମେତ ଥାନାର ବିଭିନ୍ନ କର୍ମକର୍ତ୍ତା ଏବଂ ଛାତ୍ରଛାତ୍ରୀ, ମହିଳା ସଂଘର ସଦସ୍ୟାମାନେ ଉପସ୍ଥିତ ରହିବା ସହ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

● ଆର୍‌ଡିସି କଲେଜକୁ ଆର୍‌ଟିଆଇ ମାଗିବା ଘଟଣା

## ଓକିଲଙ୍କୁ ହତ୍ୟା ଧମକ; ୩ ଅଧ୍ୟାପକ ନାଁରେ ଥାନାରେ ଅଭିଯୋଗ

ହୁମ୍ମା,୨୦ ।୭ (ସମିସ): ଓଡ଼ିଶା ହାଇକୋର୍ଟର ବରିଷ୍ଠ ଆଇନଜୀବୀ ତଥା ରମ୍ଭା ପାଲୁର ଜଙ୍କସନ ଗ୍ରାମର ସରୋଜ କୁମାର ସାହୁଙ୍କୁ ହତ୍ୟା ଧମକ ଦିଆଯାଇଛି । ଏନେଇ ସେ ରମ୍ଭା ଥାନାରେ ଅଭିଯୋଗ କରିଛନ୍ତି । ଗତ ଶନିବାର ସରୋଜ ଆରଡ଼ିସି ଡ଼ିଗ୍ରୀ ମହାବିଦ୍ୟାଳୟ ଉପରେ ଆରଟିଆଇ ତଥ୍ୟ ମାଗିଥିଲେ । ହେଲେ ଆରଟିଆଇ ତଥ୍ୟ ମଗାଯିବା ଘଟଣାକୁ କେନ୍ଦ୍ରକରି ଉକ୍ତ ମହାବିଦ୍ୟାଳୟର ଭୌତିକ ବିଜ୍ଞାନ ବିଭାଗର ଅଧ୍ୟାପକ ପୀତାମ୍ବର ଦଳେଇ, ଇଂରାଜୀ ଅଧ୍ୟାପକ ଧୀରେନ୍ଦ୍ର ନାଥ ପଲେଇ, ରାସାୟନିକ ବିଜ୍ଞାନ ଅଧ୍ୟାପକ ସୁକାନ୍ତ କିଶୋର ମାନସିଂହ ସରୋଜଙ୍କ ପାଲୁର ଜଙ୍କସନ ବାସଭବନକୁ ଆସି ଗାଳିଗୁଲଜ କରିବା ସହ ବନ୍ଧୁକ ଦେଖାଇ ହତ୍ୟା ଧମକ ଦେଇଥିବା ନେଇ ସରୋଜ ଲିଖିତ ଅଭିଯୋଗରେ ଦର୍ଶାଇଛନ୍ତି । ପୁଣି ଗତ ବୁଧବାର ରାତ୍ର ଏକ ଘଣ୍ଟା ସମୟରେ ସରୋଜଙ୍କ ମୋବାଇଲକୁ ଏକ ହତ୍ୟା ଧମକ କଲ୍ ଆସିଥିଲା ।

ଏହି ଧମକପୂର୍ଣ୍ଣ କଲଟି ଆରଡ଼ିସି ଡିଗ୍ରୀ ମହାବିଦ୍ୟାଳୟର ଭୌତିକ ବିଜ୍ଞାନ ବିଭାଗର ଅଧ୍ୟାପକ ପୀତାମ୍ବର ଦଳେଇ ନାମ କହି ଧମକ ଦେଇଥିବା ନେଇ ସେ ଅଭିଯୋଗ କରିଛନ୍ତି । ଯାହାର କଲ୍ ରେକର୍ଡକୁ ପ୍ରମାଣ ରୂପେ ପୁଲିସକୁ ହସ୍ତାନ୍ତର କରିଛନ୍ତି ସରୋଜ । ସରୋଜ କୁମାର ସାହୁ ରମ୍ଭା ଥାନାରେ ଅଭିଯୋଗ କରିବା ପରେ ରମ୍ଭା ଥାନା ପୁଲିସ ନଂ.୫୭୦/୨୫ ମାମଲା ରୁଜୁ କରିଥିବା ବେଳେ ଏହାର ତଦନ୍ତ ଜାରି ରଖିଛନ୍ତି ହୁମ୍ମା ଫାଣ୍ଡି ଅଧିକାରୀ ସୁଭ୍ରଜିତ ସାମନ୍ତରାୟ । ତେବେ ପୁଲିସକୁ ଉପଯୁକ୍ତ ତଥ୍ୟ ପ୍ରମାଣ ହସ୍ତାନ୍ତର କରିଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନଥିବା ନେଇ ସରୋଜ ଅଭିଯୋଗ କରିଛନ୍ତି । ଯାହାକୁ ନେଇ ବୁଦ୍ଧିଜୀବୀ ମହଲରେ ନିନ୍ଦା କରାଯାଇଛି ।

# ବିଜ୍ଞାନ କଲେଜରେ ନାହିଁ ବିଜ୍ଞାନ ବିଭାଗ

କୋଦଳା,୨୦ ।୭ (ସମିସ): ବେଗୁନିଆପଡ଼ା ବ୍ଲକ ମୁଖ୍ୟାଳୟରେ ଜନତା ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ରହିଛି । ହେଲେ ଏଠାରେ ବିଜ୍ଞାନ ବିଭାଗ ନାହିଁ । ୧୯୯୧ରେ ଏହି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସ୍ଥାପିତ ହୋଇଥିବା ବେଳେ ଜନତା ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ନାମରେ ନାମିତ ହୋଇଛି । ସେହି ସମୟରେ ଏହି ଅଞ୍ଚଳର ଶିକ୍ଷା ପ୍ରତି ସଚେତନ ଥିବା ବ୍ୟକ୍ତିବିଶେଷ ଯଥା ନିକୁଞ୍ଜ ବିହାରୀ ପାଣିଗ୍ରାହୀ, ସୁରେଶ ସ୍ୱାଇଁ, ରାମକୃଷ୍ଣ ଦୋରା, ଗୋଦାବରୀଶ ମିଶ୍ର ସମେତ ଅନ୍ୟାନ୍ୟ ବ୍ୟକ୍ତିଙ୍କ ଆନ୍ତରିକତାରେ ଏହି ମହାବିଦ୍ୟାଳୟଟି ଆରମ୍ଭ ହୋଇଥିଲା । କିନ୍ତୁ ଦୁଃଖର ବିଷୟ ଗତ କିଛିବର୍ଷ ହେଲା ଏହି ମାଧ୍ୟମିକ ବିଦ୍ୟାଳୟରେ ଯୁକ୍ତ ଦୁଇ ବିଜ୍ଞାନ ଷ୍ଟ୍ରିମ୍ ନାହିଁ । ଏଠାରେ ଛାତ୍ରଛାତ୍ରୀମାନେ କେବଳ ଯୁକ୍ତ ଦୁଇ କଳାରେ ଅଧ୍ୟୟନ କରୁଛନ୍ତି ।

ସୂଚନା ମୁତାବକ, ଏହି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ




ଉପରେ ବେଗୁନିଆପଡା ବ୍ଲକର ପ୍ରାୟ ୧୭ଟି ପଞ୍ଚାୟତ ଏବଂ ଖଲ୍ଲିକୋଟ ବ୍ଲକର ପ୍ରାୟ ଦୁଇଟି ପଞ୍ଚାୟତର ଛାତ୍ରଛାତ୍ରୀ ମାନେ ଅଧ୍ୟୟନ ପାଇଁ ନିର୍ଭର କରିଥାନ୍ତି । ଯେଉଁ ଛାତ୍ରଛାତ୍ରୀଙ୍କ ବିଜ୍ଞାନ ବିଷୟରେ ପଢିବା ପାଇଁ ଇଛା ଥାଏ, ସେମାନେ ବାଧ ହୋଇ ଦୂରଦୂରାନ୍ତରରେ ଥିବା ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ କିମ୍ବା ବେସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟକୁ ଯାଇଥାନ୍ତି । ଫଳରେ ଅଭିଭାବକମାନେ ବହୁ ଖର୍ଚ୍ଚାନ୍ତ ହୋଇଥାନ୍ତି । କିଛି ଛାତ୍ରଛାତ୍ରୀ ଅନ୍ୟ ଉପାୟ ନଥିବାରୁ ବାଧ ହୋଇ କଳା ବିଷୟରେ ଅଧ୍ୟୟନ କରିଥାନ୍ତି । ଏହି କଲେଜରେ ଯୁକ୍ତ ଦୁଇ ବିଜ୍ଞାନ ବିଭାଗ ନ ଥିବା କଲେଜ କର୍ତ୍ତୃପକ୍ଷଙ୍କ କିଛି ତ୍ରୁଟି ନାଁ ଉଚ୍ଚ ଶିକ୍ଷା ବିଭାଗର ଗୌଣ ମନୋଭାବ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି ।

ଏନେଇ କଲେଜ ଅଧ୍ୟକ୍ଷ ଅଭିମନ୍ୟୁ ସ୍ୱାଇଁଙ୍କୁ ପଚାରିବାରୁ ସେ କହିଛନ୍ତି, ୨୦୧୫-୧୬ରେ ଛାତ୍ରଛାତ୍ରୀ ବିଜ୍ଞାନ ବିଭାଗରେ ନାମ ଲେଖା ଆରମ୍ଭ ହୋଇଥିଲା ।୨୦୧୬-୧୭ରେ କେବଳ ଗୋଟିଏ ପିଲା ନାମ ଲେଖାଇଥିଲେ । ଏହା ପରେ୨୦୧୭-୧୮ରେ କେହିବି ନାମ ଲେଖାଇ ନଥିଲେ । ତେଣୁ୨୦୧୮-୧୯ ଠାରୁ ବର୍ତ୍ତମାନ ସୁଦ୍ଧା ବିଜ୍ଞାନ ବିଭାଗ ବନ୍ଦ ରହିଛି । ତେବେ ଅଞ୍ଚଳର ଛାତ୍ରଛାତ୍ରୀଙ୍କ ସୁବିଧା ସୃଷ୍ଟିରୁ ପୁନର୍ବାର ଏଠାରେ ବିଜ୍ଞାନ ବିଭାଗ ଖୋଲିବାକୁ ଦାବି ହୋଇଛି ।

## କରତ କଳ ସିଲ୍; ଗାଡ଼ି ସହ ୭୦ ଘନଫୁଟ କାଠ ଜବତ

ଭଞ୍ଜନଗର,୨୦ ।୭ (ସମିସ): ଗୋଟିଏ କରତକଳ ସଂଯୋଗ ହୋଇଥିବା ଏକ ଟ୍ରାକ୍ଟର ସହ ଏକ ମିନି ଟ୍ରକ୍ ଓ ୭୦ ଘନଫୁଟ କାଠ ଜବତ କରିଛି ବନ ବିଭାଗ । ତେବେ ଏହି ମାମଲାରେ ବନ ବିଭାଗ କାହାରିକୁ ଗିରଫ କରାଯାଇପାରିନଥିବା ଜଣାପଡିଛି । ଏଭଳି ଏକ ଘଟଣା ଭଞ୍ଜନଗର ଉତ୍ତର ଘୁମୁସର ବନଖଣ୍ଡର କେନ୍ଦ୍ରୀୟ ବନାଞ୍ଚଳ ଗାଙ୍ଗପୁର ସେକ୍ସନ୍ ଅନ୍ତର୍ଗତ ପଳାସପଲ୍ଲୀ ଗାଁରେ ଦେଖିବାକୁ ମିଳିଛି । କେନ୍ଦ୍ରୀୟ ବନାଞ୍ଚଳ ଅଧିକାରୀ ପୃଥୀରାଜ ପ୍ରଧାନଙ୍କ ନେତୃତ୍ୱରେ ବନ କର୍ମଚାରୀମାନେ ସଦଳବଳେ ଚଢଉ କରି ଏସବୁ କାଠ ଓ ଏହାକୁ କାଟିବାକୁ ଥିବା କରତ କଳ ଜବତ କରିଛନ୍ତି । ସ୍ଥାନୀୟ ପରିବହନ ଅଧିକାରୀଙ୍କ ସହ ଯୋଗାଯୋଗ କରାଯାଇ ସଂପୃକ୍ତ ଗାଡି ମାଲିକଙ୍କ ସମ୍ପର୍କରେ ସୂଚନା ପାଇବା ପରେ ଜଙ୍ଗଲ ଆଇନ ପ୍ରକାରେ କାଠ ମାଫିଆଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ ଉଲ୍ଲେଖ କରିଛନ୍ତି ।

## ବିଜେଡିର ପ୍ରସ୍ତୁତି ବୈଠକ

ଆସିକା,୨୦ ।୭ (ସମିସ): ସ୍ଥାନୀୟ କଳିଙ୍ଗ ରୋଡରେ ଥିବା ବିଜେଡି କାର୍ଯ୍ୟାଳୟରେ ବିଜୁ ଜନତା ଦଳର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ସୋମବାର ବ୍ରହ୍ମପୁର ଠାରେ ଦକ୍ଷିଣାଞ୍ଚଳ ଆର୍‌ଡିସି କାର୍ଯ୍ୟାଳୟ ଘେରାଉ କରିବାକୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା । ଆସିକା ବିଧାନସଭା ନିର୍ବାଚନମଣ୍ଡଳୀର ୫ଶହରୁ ଊର୍ଦ୍ଧ୍ୱ ବିଜେଡି କର୍ମୀମାନେ ଏଥିରେ ସାମିଲ ହେବେ । ଆସିକା ପୂର୍ବତନ ବିଧାୟିକା ମଞ୍ଜୁଳା ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବିଜେଡି ଜିଲ୍ଲା ଉପସଭାପତି ଦିଲୀପ କୁମାର ପାଣିଗ୍ରାହୀ, ପୂର୍ବତନ ବ୍ଲକ ଅଦକ୍ଷ୍ୟ ହରେକୃଷ୍ଣ ମଲିକ, ବିଜେଡି ନେତା ନଚିକେତା ସ୍ୱାଇଁ, ସୂର୍ଯ୍ୟକାନ୍ତ ପରିଡା, ଜିଲ୍ଲା ପରିଷଦ ସଭ୍ୟ ମନୋଜ ଦୋରା, ଯୁବ ଛାତ୍ର ଜିତେନ୍ଦ୍ର ମହାରଣା, ନିଗମ ରାଉତ, ପ୍ରତାପ ପ୍ରଧାନ, ବିମଳ ପ୍ରଧାନ, କେଶବ ଦାସ, କାହ୍ନୁ ଦଳାଇ, ନରେନ୍ଦ୍ର ନାହାକ, ଆକାଶ ସ୍ୱାଇଁ, ସୁମନ୍ତ ପାତ୍ରଙ୍କ ସମେତ ବହୁ ସରପଞ୍ଚ, ସମିତି ସଭ୍ୟ ଓ ବିଜେଡି କର୍ମୀ ଉପସ୍ଥିତ ଥିଲେ ।




## ଆର୍‌ଡିସି ଅଫିସ ଘେରାଉ ଲାଗି ବିଜେଡିର ପ୍ରସ୍ତୁତି

ଶେରଗଡ,୨୦ ।୭ (ସମିସ): ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ବିଏଡ ଛାତ୍ରୀ ସୌମ୍ୟାଶ୍ରୀ ବିଶି ନିଜ ବିଭାଗର ଅଧ୍ୟାପକଙ୍କ ଦ୍ୱାରା ଯୌନ ନିର୍ଯାତନାର ଶିକାର ହୋଇ ଆତ୍ମାହୂତି ଦେଇଛନ୍ତି । ଏହାର ପତ୍ରିବାଦରେ ବିଜେଡି ସୁପ୍ରିମୋ ତଥା ବିରୋଧୀ ଦଳର ନେତା ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ଆସନ୍ତା ୨୧ ତାରିଖରେ ବ୍ରହ୍ମପୁରରେ ଥିବା ଦକ୍ଷିଣାଞ୍ଚଳ ରାଜସ୍ୱ ଆୟୁକ୍ତଙ୍କ କାର୍ଯ୍ୟାଳୟ ଘେରାଉ କରାଯିବା ସହ ପ୍ରତିବାଦ କରାଯିବ । ଏହି ଅବସରରେ ରବିବାର ଶେରଗଡ଼ ବ୍ଲକ ବିଜେଡି ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ବିଧାୟକଙ୍କ ବ୍ଲକ ପ୍ରତିନିଧି ଦିଗାମ୍ବର ନାହାକ ଓ ବ୍ଲକ ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବ୍ଲକର ବହୁ ନିର୍ବାଚିତ ପ୍ରତିନିଧି ଯୋଗ ଦେଇଥିଲେ । ଆସନ୍ତକାଲି ହେବାକୁ ଥିବା ବିକ୍ଷୋଭରେ କିଭଳି ଅଧିକରୁ ଅଧିକ କର୍ମୀ ଯୋଗଦେବେ ଆଲୋଚନା ହୋଇଥିଲା ।

ଏହି ବୈଠକରେ ବିରୋଧୀ ଦଳ ନେତାଙ୍କ ଡିଆର୍‌ଡିଏ ପ୍ରତିନିଧି ଦେବାନନ୍ଦ ମହାପାତ୍ର, ବ୍ଲକ ଉପାଧ୍ୟକ୍ଷାଙ୍କ ପ୍ରତିନିଧି କାହ୍ନୁ ଚରଣ ପଟ୍ଟନାୟକ, ପୂର୍ବତନ ସରପଞ୍ଚ ସୀମାଞ୍ଚଳ ପ୍ରଧାନଙ୍କ ସହିତ ନିର୍ବାଚିତ ଦଳୀୟ ପ୍ରତିନିଧି ଏବଂ ବହୁ ଦଳୀୟ କର୍ମୀ ଯୋଗ ଦେଇଥିଲେ ।



## ବୋରଦାରେ ବିଜେଡିର ମିଶ୍ରଣ ପର୍ବ

ସୋରଡ଼ା,୨୦ ।୭ (ସମିସ): ସୋରଡ଼ାର ପୂର୍ବତନ ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁଙ୍କ ନେତୃତ୍ୱରେ ବୋରଦା ଓ ଏକଲପୁର ଗ୍ରାମକୁ ନେଇ ଏକ କର୍ମୀ ସମ୍ମିଳନୀ ଓ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ବିଜେଡିର ଆଗଧାଡ଼ିର ବହୁ ବରିଷ୍ଠ ନେତାଙ୍କ ସହ ବିଭିନ୍ନ ପଞ୍ଚାୟତର ବହୁ ବିଜେଡି ନେତା ଓ କର୍ମୀ ଯୋଗଦେଇଥିଲେ । କାର୍ଯ୍ୟକ୍ରମରେ ବିଜେପି ଛାଡି ୨୦୦ରୁ ଊର୍ଦ୍ଧ୍ୱ କର୍ମୀ ବିଜେଡ଼ିରେ ଯୋଗ ଦେଇଛନ୍ତି ।



## ନିଖିଳ ଉତ୍କଳ ଶିକ୍ଷକ ମହାସଂଘର ସମ୍ମିଳନୀ, କର୍ମକର୍ତ୍ତା ନିର୍ବାଚନ

ଛତ୍ରପୁର,୨୦ ।୭ (ସମିସ): ନିଖିଳ ଉତ୍କଳ ଶିକ୍ଷକ ମହାସଂଘର ୩୬ ତମ ସାମ୍ବିଧାନିକ ସମ୍ମିଳନୀ ଛତ୍ରପୁର ବ୍ଲକ ଅନ୍ତର୍ଗତ ଟାଙ୍ଗଣାପଲ୍ଲୀ ହରଗୌରୀ ବାଳିକା ଉଚ୍ଚବିଦ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ସଭାପତି ଧନଞ୍ଜୟ କେଶରୀ ରାଉତରାୟଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଉଦ୍‌ଘାଟକ ରୂପେ ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ ଯୋଗଦେଇ ଶିକ୍ଷକ ସମାଜ ଭଲ ଛାତ୍ର ସୃଷ୍ଟି କରିବାକୁ ଦାୟିତ୍ୱ ନେବାକୁ ଆହ୍ୱାନ ଦେଇଥିଲେ । ମୁଖ୍ୟ ଅତିଥି ରୂପେ ବ୍ରହ୍ମପୁର ମେଡିକାଲ କଲେଜ ସର୍ଜରି ବିଭାଗର ପ୍ରଫେସର ଡାକ୍ତର ମନୋଜ କୁମାର ସେଠୀ ଯୋଗଦେଇ ଗୁରୁ-ଶିଷ୍ୟ ମଧ୍ୟରେ ସୁସ୍ଥ ବାତାବରଣ ରକ୍ଷା ସମ୍ପର୍କରେ କହିଥିଲେ । ଓଷ୍ଟାର ଅନ୍ୟତମ ପ୍ରତିଷ୍ଠାତା ସ୍ୱର୍ଗତ ରଘୁନାଥ ପାଢୀଙ୍କ ପୁତ୍ର ଅବସରପ୍ରାପ୍ତ ବ୍ରିଗେଡିଅର ଡାକ୍ତର ଅରୁଣ କୁମାର ପାଢୀ, ପୂର୍ବତନ ବିଧାୟକ ଏନ୍.ନାରାୟଣ ରେଡ଼ି, ଟାଙ୍ଗଣାପଲ୍ଲୀ ସରପଞ୍ଚ ବି.ସୁଦାମ, ସମିତିସଭ୍ୟା ପ୍ରତିନିଧି ଅମରେଶ୍ୱର ସାହୁ, ଓଷ୍ଟାର କୋଷାଧ୍ୟକ୍ଷ ଅଶୋକ କୁମାର ମହାପାତ୍ର, ଆଲୋଷ୍ଟାର କାର୍ଯ୍ୟକାରୀ ସଭାପତି ବିଚିତ୍ରାନନ୍ଦ ଦାଶ, ଓଷ୍ଟାର ପୂର୍ବତନ ସାଧାରଣ ସମ୍ପାଦକ ବିବେକାନନ୍ଦ ଦାଶ, ସିପିଏମ ଜିଲ୍ଲା ସଂପାଦକ ଯୁଧିଷ୍ଠିର ବେହେରା, ଅଭ୍ୟର୍ଥନା କମିଟି ସଭ୍ୟ ଲକ୍ଷ୍ମୀନାରାୟଣ ଶତପଥୀ, ଆଙ୍ଗୋଟାର ସାଧାରଣ ସମ୍ପାଦକ ଉମାକାନ୍ତ ପାତ୍ର, ପ୍ରଧାନଶିକ୍ଷକ ବିଷ୍ଣୁପ୍ରସାଦ ତ୍ରିପାଠୀ ପ୍ରମୁଖ ଅତିଥି ରୂପେ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ । ପ୍ରଧାନ ଶିକ୍ଷୟିତ୍ରୀ ରଶ୍ମିତା ପଟ୍ଟନାୟକ ସ୍ୱାଗତ ଭାଷଣ ଦେଇଥିଲେ । ଏହି ଅବସରରେ ୧୧ ଜଣ ପ୍ରାକ୍ତନ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲ । ଜିଲ୍ଲା ସଂପାଦକ ଅଶୋକ କୁମାର ଦଳାଇ ଅତିଥି ଆହ୍ୱାନ କରିଥିବା ବେଳେ ବିଜୟ କୁମାର ମହାରଣା, କୈଳାସ ବେହେରା, ମୁରଲୀ ସ୍ୱାଇଁ, ଦିଲ୍ଲୀପ କୁମାର ତ୍ରିପାଠୀ, ଲିଙ୍ଗରାଜ ସ୍ୱାଇଁ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ମୁଖ୍ୟ ଆବାହକ କାମରାଜୁ ମହାରଣା ସଂଯୋଜନା କରିଥିଲେ । ଦେବହରି ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ । ସଭାପତି ରୂପେ ଅକ୍ଷୟ ଦାସ, କାର୍ଯ୍ୟକାରୀ ସଭାପତି ରୂପେ ଅଶୋକ କୁମାର ଦଳାଇ, ସାଧାରଣ ସମ୍ପାଦକ ଡଃ ଦୁଷ୍ମନ୍ତ କୁମାର ନାୟକ, ଯୁଗ୍ମ ସାଧାରଣ ସମ୍ପାଦକ ରୂପେ ବୃନ୍ଦାବନ ମହାପାତ୍ର ଓ ଦିଲ୍ଲୀପ କୁମାର ମିଶ୍ର, ସାଂଗଠନିକ ସଂପାଦକ ରୂପେ ସୁରେଶ ଚନ୍ଦ୍ର ବିଶ୍ୱାଳ ଏବଂ କୋଷାଧ୍ୟକ୍ଷ ରୂପେ ବିଧୁଭୂଷଣ ପଟ୍ଟନାୟକ ନିର୍ବାଚିତ ହୋଇଥିବା ବେଳେ ୭ ଜଣ ଉପ ସଭାପତି ରୂପେ ଏବଂ ୭ ଜଣ ସହ ସଂପାଦକ ରୂପେ ନିର୍ବାଚିତ ହୋଇଛନ୍ତି ।

## ପରିଚାଳକ ସଂଘର ବାର୍ଷିକ ସାଧାରଣ ସଭା



ଆସିକା,୨୦ ।୭ (ସମିସ): ରବିବାର ଗଞ୍ଜାମ ଜିଲ୍ଲା ହିସାବ ରକ୍ଷକ ତଥା ତଥ୍ୟ ନିକ୍ଷେପଣ ପରିଚାଳକ ସଙ୍ଘ ତରଫରୁ ଆସିକା ଅଶୋକା ସିନେମା ହଲ ବୈଠକ ଗୃହରେ ପ୍ରଥମ ସାଧାରଣ ସଭା ୨୦୨୫-୨୦୨୬ ପାଇଁ ନୂତନ କର୍ମକର୍ତ୍ତା ଚୟନ ସହ ମନୋନୀତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଗଞ୍ଜାମ ଜିଲ୍ଲାର ୨୨ଟି ବ୍ଲକର ସମସ୍ତ କର୍ମଚାରୀ ମାନେ ଉପସ୍ଥିତ ରହି ଏକୋଇଶି ଜଣିଆ କମିଟି ଗଠନ କରାଯାଇଥିଲା । ସଭାପତି ଭାବେ ମନୋଜ କୁମାର ପାଢ଼ୀ, କାର୍ଯ୍ୟକାରୀ ସଭାପତି ଭାବେ ସଞ୍ଜୟ କୁମାର ନାୟକ, ଉପସଭାପତି ଭାବେ ମାନସ ରଥ, ଗଣେଶ ଦଳାଇ, ହରେକୃଷ୍ଣ ଚୌଧୁରି, ସମ୍ପାଦକ କିଶୋର ଗୌଡ଼, କୋଷାଧ୍ୟକ୍ଷ ରାଧାକୃଷ୍ଣ ସାହୁ, ରାଜ୍ୟ ଆବାହକ ମଦନ ମୋହନ ପଣ୍ଡା, ସହଯୋଗୀ ବସନ୍ତ ଲେଙ୍କା, ଅଶୋକ ତ୍ରିପାଠୀ, ବସନ୍ତ ଲେଙ୍କା, ଶ୍ରୀକାନ୍ତ ପଣ୍ଡା, ଅଶୋକ ତ୍ରିପାଠୀ, ବସନ୍ତ ରାଉଳଙ୍କ ସମେତ ସମସ୍ତ କର୍ମଚାରୀମାନେ ଉପସ୍ଥିତ ଥିଲେ ।

## ଲାଠୀ ହାଇସ୍କୁଲ ପୁରାତନ ଛାତ୍ର ସଂସଦ ବୈଠକ



କୁକୁଡ଼ାଖଣ୍ଡି,୨୦ ।୭ (ସମିସ): କୁକୁଡ଼ାଖଣ୍ଡି ବ୍ଲକ ଅନ୍ତର୍ଗତ ଲାଠୀ ହାଇସ୍କୁଲରେ ପୁରାତନ ଛାତ୍ରଛାତ୍ରୀଙ୍କୁ ନେଇ ଗଠିତ ଆଲୁମୁନି ବୈଠକ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ସ୍ମୃତିଞ୍ଜନା ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ସମସ୍ତ ଛାତ୍ରଛାତ୍ରୀଙ୍କୁ ନେଇ ଏକ ସମ୍ମିଳନୀ ଓ ବନ୍ଧୁ ମିଳନ କାର୍ଯ୍ୟକ୍ରମ 'ମୋ ବିଦ୍ୟାଳୟ ମୋ ସ୍ୱାଭିମାନ' ଆସନ୍ତା ଅକ୍ଟୋବର ମାସରେ କରିବାକୁ ପ୍ରସ୍ତାବ ଆଗତ ହୋଇଥିଲା । ସେହି ସମ୍ମିଳନୀରେ ବିଦ୍ୟାଳୟ ସ୍ମରଣିକା "ପ୍ରଭାତ ରଶ୍ମି' ପ୍ରକାଶ ହେବ ।

ସେଥିପାଇଁ ଛାତ୍ରଛାତ୍ରୀ ମାନେ ବିଦ୍ୟାଳୟ ଜୀବନର ଅନୁଭୂତି ସମ୍ପର୍କୀୟ ଲେଖା ଅଗଷ୍ଟ ୧୫ ତାରିଖରେ ପ୍ରେରଣ କରିବାକୁ ସ୍ଥିର ହେଲା । ସେହିପରି ବିଦ୍ୟାଳୟର ସମସ୍ୟା ଓ ଅନ୍ୟାନ୍ୟ ଆନୁସଙ୍ଗିକ ବିକାଶ ସମ୍ପର୍କରେ ପୂର୍ବତନ ଶିକ୍ଷକ, ଶିକ୍ଷୟିତ୍ରୀ ତଥା ଛାତ୍ରଛାତ୍ରୀମାନେ ଆଲୋଚନା କରିଥିଲେ । ପୂର୍ବତନ ସଂସ୍କୃତ ଶିକ୍ଷକ ଗୋପାଳକୃଷ୍ଣ ପାଢ଼ୀ ପରିଚୟ ପ୍ରଦାନ କରିଥିଲେ । ଛାତ୍ର ସଂସଦ ସଭାପତି ଆଶିଷ ସାବତ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ପ୍ରାକ୍ତନ ପ୍ରଧାନ ଶିକ୍ଷକ ଲଡୁକେଶ ମିଶ୍ର, ଲିଲାକୁମାରୀ ସାହୁ, ମନୋଜ କୁମାର ସାହୁ, ବିଜ୍ଞାନ ଶିକ୍ଷକ ଗୋପାଳକୃଷ୍ଣ ପାଢ଼ୀ, ସୁଧୀର କୁମାର ସାହୁ, ହିନ୍ଦୀ ଶିକ୍ଷକ ଦୁର୍ଗା ପ୍ରସାଦ ପଣ୍ଡା, କ୍ରୀଡ଼ା ଶିକ୍ଷକ କେଦାରନାଥ ଶତପଥୀ, ପ୍ରଧାନ ଶିକ୍ଷକ ରାଜେନ୍ଦ୍ର କୁମାର ତ୍ରିପାଠୀ, ଗୀତାଞ୍ଜଳି ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ । ଛାତ୍ରଛାତ୍ରୀଙ୍କ ମଧ୍ୟରେ ନବୀନ ଚନ୍ଦ୍ର ପାଢ଼ୀ, ନମିତା କୁମାରୀ ପାଢ଼ୀ, ପ୍ରସନ୍ନ ପୁରୋହିତ, ଅଧ୍ୟାପକ ଡ଼ଃ ସୁଦାମ ସାହୁ, ଅଧ୍ୟାପକ ଦିଲ୍ଲୀପ କୁମାର ବେହେରା,ଏ. ସୁଗମ ପାତ୍ର, ସାମ୍ବାଦିକ ରବୀନ୍ଦ୍ର ଗୌଡ଼, ଭରତ ମହାରଣା, ତ୍ରିଲୋଚନ ଲେଙ୍କା, ଗଗନ ପାତ୍ର, ସୀମାଞ୍ଚଳ ଗୌଡ, ସଙ୍ଗମ ବେହେରା, ଦେବରାଜ ସେଠୀ, ଆଲୋକ କୁମାର ବେହେରା, ସୁନୀଲ ଗୌଡ଼, ସୀମାଞ୍ଚଳ ଗୌଡ, ଶଙ୍କର୍ଷଣ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ ।

● ଆଧୁନିକ ଯାନବାହନ ପ୍ରଭାବ

## ଅଲୋଡ଼ା ହେଲାଣି ଶଗଡ଼ ବଳଦ

ଶେରଗଡ଼,୨୦ ।୭ (ସମିସ)

ସମୟ ଥିଲା ଶେରଗଡ଼ ସହର ତଥା ଏହାର ଆଖପାଖ ଅଞ୍ଚଳରେ ଶଗଡ଼ର ବ୍ୟବହାର ବହୁଳ ପରିମାଣରେ ହେଉଥିଲା । ତେବେ ବିଗତ କିଛିବର୍ଷ ହେଲା ଟ୍ରାକ୍ଟର ଓ ପାୱାର ଟିଲରର ବହୁଳ ବ୍ୟବହାର ଯୋଗୁ ଶଗଡ଼ର ଚାହିଦା ଦିନକୁ ଦିନ ହ୍ରାସ ପାଉଛି । ଅତୀତରେ ଶେରଗଡ଼ ଅଞ୍ଚଳରୁ ଆଖୁ ଚାଷୀ ଆସିକା ସମବାୟ ଚିନି ଶିଳ୍ପକୁ ଆଖୁ ପରିବହନ ଲାଗି ଶହ ଶହ ଶଗଡ଼ ନିୟୋଜିତ କରୁଥିଲେ । ବର୍ତ୍ତମାନ ଆଉ ଆଗ ଭଳି ଶଗଡ଼ର ଚାହିଦା ନାହିଁ । ଗ୍ରାମାଞ୍ଚଳରେ



ମଧ୍ୟ ଶଗଡ଼ର ବ୍ୟବହାର ଲୋପ ପାଇବାକୁ ବସିଲାଣି । ବେପାର ବଣିଜ ତଥା ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ଯିବାକୁ ଅତୀତରେ ଶଗଡ଼ର ବ୍ୟବହାର ହେଉଥିଲା । ତେବେ ସାମ୍ପ୍ରତିକ ପରିସ୍ଥିତିରେ ଶଗଡ଼ର ଚାହିଦା ଲୋପ ପାଇବାକୁ ବସିଥିବା ବେଳେ କାଁ ଭାଁ କେତେକ ଶଗଡ଼ିଆ ନିଜର ପୂର୍ବ ପୁରୁଷ ଅମଳରୁ ଚାଲି ଆସିଥିବା କୌଳିକ ବୃତ୍ତିକୁ ବଞ୍ଚାଇ ରଖି ବିଲକୁ ଖତ ବୋଝେଇ କରି ଶଗଡ଼ରେ ନେଉଥିବା ଦେଖିବାକୁ ମିଳିଛି । ବିଶେଷ କରି ମେ' ମାସ ପରେ ପ୍ରାକ୍ ମୌସୁମୀ ବର୍ଷା ଆରମ୍ଭ ହେବା କ୍ଷଣି ଚାଷୀ ଚାଷ କାର୍ଯ୍ୟ ଆରମ୍ଭ କରି ଦେଇଥାଏ । ଏହି ସମୟରେ ଚାଷ କ୍ଷେତକୁ ଉର୍ବର କରିବା ଲାଗି ଖତ ନେବା ଆଣିବା କ୍ଷେତ୍ରରେ ଶଗଡ଼ର ବହୁଳ ବ୍ୟବହାର ହେଉଥିଲା । ଶେରଗଡ଼ ସହର ତଥା ଏହାର ଆଖପାଖ ଅଞ୍ଚଳରେ ପ୍ରାୟତଃ ଶଗଡ଼ ମାଧ୍ୟମରେ ବିଲକୁ ସାର, ବିହନ, ଖତ ଆଦି ନେବା ଆଣିବା କରୁଥିଲା । ଶଗଡ଼ ଗାଡି ଯାହାର ଥିଲା ତାହାର ମୁଖ୍ୟତଃ ଦୁଇ ହଳ ହୃଷ୍ଟପୁଷ୍ଟ ବଳଦ କିମ୍ବା ପୋଢ଼ ଥିବା ଦେଖିବାକୁ ମିଳୁଥିଲା । କିନ୍ତୁ କାଳକ୍ରମେ ଆଧୁନିକତାର ଛାପରେ ବିଭିନ୍ନ ଯାନବାହନର ବହୁତ ପ୍ରଚଳନ ଯୋଗୁ ଶଗଡ଼ର ଚାହିଦା କମି କମି ବିଲୁପ୍ତ ଅବସ୍ଥାକୁ ଆସିଲାଣି ।

ଆଜକୁ ଦୁଇ ଦଶନ୍ଧି ପୂର୍ବରୁ ବିବାହ ସମୟରେ ବୋହୂକୁ ନେବା ଆଣିବା କରିବା ଲାଗି ଶଗଡ଼ ଗାଡି ପ୍ରମୁଖ ମାଧ୍ୟମ ପାଲଟିଥିଲା । ହେଲେ ଆଜିର ଯନ୍ତ୍ର ଚାଳିତ ଯାନର ବହୁଳ ବ୍ୟବହାର ପରେ ଶଗଡ଼ର ଚାହିଦା ହ୍ରାସ ପାଇବାକୁ ଲାଗିଲାଣି ।

